Vagdhara: A Multilingual Peer Reviewed Research Journal (ISSN 2839-6197)
Vol. 1 No. 3 (2026): April-June; Website: https://vagdhara.in/index.php

ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ କବିତାରେ ସମୟ ଚେତନା : ଏକ ଅନୁଶୀଳନ

***ସୌଦାଗର ସିଅ**

***ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ, ଆଦର୍ଶ ସ୍ନାତକ ମହାବିଦ୍ୟାଳୟ, ମାଲକାନଗିରି, ଓଡିଶା**

Received: September 30, 2026 *Accepted: November 07, 2026*

ବିଷୟ ସାରାଂଶ

ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଶା ତଥା ଭାରତର ସାମାଜିକ-ସାଂସ୍କୃତିକ ପରିବେଶରେ ଅନେକ ରୂପାନ୍ତର ମାଧ୍ୟମରେ ଅଗ୍ରସର ହୋଇଛି। ଏହି ପରିବର୍ତ୍ତନଶୀଳ ସମୟର ପ୍ରତିଛବି ଓଡ଼ିଆ କବିତାରେ ଗଭୀର ଭାବେ ପ୍ରତିଫଳିତ ହୋଇଛି। ସ୍ୱାଧୀନତା ପରବର୍ତ୍ତୀ କବିମାନେ ନୂତନ ଚେତନା, ନୂତନ ଦୃଷ୍ଟିକୋଣ ଏବଂ ଆଧୁନିକ ଜୀବନର ଜଟିଳତାକୁ ନିଜ ସୃଜନର ମୁଖ୍ୟ ବିଷୟ ଭାବେ ଗ୍ରହଣ କରିଛନ୍ତି। ଏହି ପରିପ୍ରେକ୍ଷିତରେ "ସମୟ ଚେତନା" ଏକ କେନ୍ଦ୍ରୀୟ ସାହିତ୍ୟିକ ଧାରଣା ଭାବେ ବିକାଶ ପାଇଛି। ଏହା କବିଙ୍କ ମନୋଭୂମିରେ ସମକାଳୀନ ସମାଜ, ତାହାର ସଂଘର୍ଷ, ଆଶା-ନିରାଶା, ପରିବର୍ତ୍ତନ ଓ ମୂଲ୍ୟବୋଧର ଅନୁଭୂତିକୁ ପ୍ରକାଶ କରେ। ଓଡ଼ିଆ କବିତାରେ ଏହି ଚେତନା ବିଶେଷକରି ଆଧୁନିକତା, ଶହରୀକରଣ, ଅସ୍ତିତ୍ୱ ସଙ୍କଟ ଓ ପରମ୍ପରା-ନୂତନତାର ଦ୍ୱନ୍ଦ୍ୱ ମାଧ୍ୟମରେ ପ୍ରକଟ ହୋଇଛି। ନବକବିତା ଆନ୍ଦୋଳନ ପରେ ଓଡ଼ିଆ କବିତା ଅଧିକ ଚିନ୍ତନଶୀଳ, ପ୍ରୟୋଗଶୀଳ ଓ ମନୋବିଶ୍ଳେଷଣମୂଳକ ରୂପ ଧାରଣ କରିଛି। ଏହି ସମୟର କବିତାମାନରେ କେବଳ ଯେ ସୌନ୍ଦର୍ଯ୍ୟବୋଧକ ନୁହେଁ, ବରଂ ସମୟର ସାମାଜିକ ସତ୍ୟକୁ ଉଦ୍ଘାଟନ କରୁଥିବା ଏକ ଶକ୍ତିଶାଳୀ ମାଧ୍ୟମ ଭାବେ ଗଣ୍ୟ ହୋଇଛି।ଏହି ଅଧ୍ୟୟନର ମୂଳ ଉଦ୍ଦେଶ୍ୟ ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ କବିତାରେ ସମୟ ଚେତନାର ବିକାଶ ଧାରାକୁ ଚିହ୍ନଟ କରିବା ଓ ତାହାର ସାମାଜିକ-ସାହିତ୍ୟିକ ପ୍ରଭାବକୁ ବିଶ୍ଳେଷଣ କରିବା। ଏହି କାଳର ଓଡ଼ିଆ କବିତା ସମୟର ଆଇନା ଭାବେ କାର୍ଯ୍ୟ କରି, ମନୁଷ୍ୟୀୟ ଅନୁଭୂତି ଓ ସାମାଜିକ ବାସ୍ତବତାକୁ ଏକ ସୂକ୍ଷ୍ମ ଓ ସଂବେଦନଶୀଳ ଭାବରେ ଅଭିବ୍ୟକ୍ତ କରିଛି।

ପ୍ରମୁଖ ଶବ୍ଦାବଳୀ -ସ୍ୱାଧୀନତା ପରବର୍ତ୍ତୀ କାଳ, ସାମାଜିକ ପରିବର୍ତ୍ତନ, ଗଣତନ୍ତ୍ରୀୟ ସଂକଟ, ଶ୍ରେଣୀ ବିଭେଦ, ସାମାଜିକ ବୈଷମ୍ୟ, ନଗରୀକରଣ, ଅସ୍ତିତ୍ୱବାଦ,ମାନବୀୟ ସଂକଟ,ଆର୍ଥିକ ଅସମତା,ସମୟ ଚେତନା ଇତ୍ୟାଦି।

ଉପକ୍ରମ

ସାହିତ୍ୟ ମନୁଷ୍ୟ ଜୀବନ ଓ ସମାଜର ଅନୁଭୂତିକ ଅଭିବ୍ୟକ୍ତିର ସର୍ବୋତ୍ତମ ମାଧ୍ୟମ। ଏହା ସଦା ସମୟର ପ୍ରତିଛବି ବହନ କରେ ଓ ନିଜ ଯୁଗର ଚିନ୍ତା, ସଂଘର୍ଷ, ଆଶା-ନିରାଶାକୁ ରୂପାୟିତ କରେ। ଏହି ଦୃଷ୍ଟିରୁ ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ କବିତାକୁ ଏକ ଗଭୀର ସାମାଜିକ ଓ ସାଂସ୍କୃତିକ ପରିବର୍ତ୍ତନର ଦଲିଲ ଭାବେ ଦେଖାଯାଇପାରେ। ୧୯୪୭ ମସିହାର ସ୍ୱାଧୀନତା ପରେ ଭାରତୀୟ ସମାଜ ନୂତନ ରାଜନୈତିକ ବ୍ୟବସ୍ଥା, ଗଣତନ୍ତ୍ରୀୟ ଚିନ୍ତାଧାରା, ଶିଳ୍ପୀକରଣ, ଶହରୀକରଣ ଓ ବୈଜ୍ଞାନିକ ଉନ୍ନତିର ପ୍ରଭାବରେ ଦ୍ରୁତ ରୂପାନ୍ତର ଅନୁଭବ କରିଥିଲା। ଏହି ପରିବର୍ତ୍ତନଗୁଡ଼ିକ ମନୁଷ୍ୟର ଜୀବନଶୈଳୀ, ମୂଲ୍ୟବୋଧ ଓ ଚିନ୍ତାଧାରାରେ ଗଭୀର ଆଘାତ ସୃଷ୍ଟି କରିଥିଲା। ଓଡ଼ିଆ କବିତା ମଧ୍ୟ ଏହି ପରିବର୍ତ୍ତନରୁ ଅଲଗା ରହିନଥିଲା; ବରଂ ଏହା ସେହି ସମୟର ସତ୍ୟକୁ ଅନୁଭୂତିମୂଳକ ଓ ସୃଜନଶୀଳ ଭାବରେ ପ୍ରତିଫଳିତ କରିଛି।

ଏହି ପରିପ୍ରେକ୍ଷିତରେ "ସମୟ ଚେତନା" ଏକ କେନ୍ଦ୍ରୀୟ ସାହିତ୍ୟିକ ଧାରଣା ଭାବେ ଗୁରୁତ୍ୱ ଅର୍ଜନ କରେ। ସମୟ ଚେତନା ଅର୍ଥାତ୍ ନିଜ ଯୁଗର ସାମାଜିକ ବାସ୍ତବତା, ରାଜନୈତିକ ପରିସ୍ଥିତି, ଆର୍ଥିକ ବିଷମତା ଓ ମନୁଷ୍ୟୀୟ ସଂଘର୍ଷ ପ୍ରତି ସଚେତନ ଦୃଷ୍ଟିକୋଣ ଓ ସୃଜନଶୀଳ ପ୍ରତିକ୍ରିୟା। ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ କବିତାରେ ଏହି ଚେତନା ନୂତନ ରୂପରେ ବିକାଶ ପାଇଛି। କବିମାନେ ଏବେ କେବଳ ଭାବନାପୂର୍ଣ୍ଣ କବିତା ରଚନାରେ ସୀମିତ ନ ରହି, ସମାଜର ଯଥାର୍ଥ ସମସ୍ୟା, ମନୁଷ୍ୟର ଅସ୍ତିତ୍ୱ ସଙ୍କଟ, ଶୋଷଣ, ବେରୋଜଗାରୀ, ଦାରିଦ୍ର୍ୟ ଓ ମୂଲ୍ୟବୋଧର ଅବନତିକୁ ମଧ୍ୟ ନିଜ କବିତାର କେନ୍ଦ୍ରବିନ୍ଦୁ କରିଛନ୍ତି। ୧୯୫୦ ପରବର୍ତ୍ତୀ ଦଶକରେ ନବକବିତା ଆନ୍ଦୋଳନ ଓଡ଼ିଆ କବିତାକୁ ଏକ ନୂତନ ଦିଗ ଦେଇଥିଲା। ଏହି ଆନ୍ଦୋଳନର କବିମାନେ ପାରମ୍ପରିକ

ଭାବଧାରାରୁ ଦୂରେଇ ଆଧୁନିକ ଜୀବନର ଜଟିଳତା, ମନୋବିଶ୍ଳେଷଣ, ଏକାକୀପଣ ଓ ଶହରୀ ଜୀବନର ଯନ୍ତ୍ରଣାକୁ କବିତାରେ ଅଭିବ୍ୟକ୍ତ କରିଥିଲେ। ଏହା ଫଳରେ ଓଡ଼ିଆ କବିତାରେ ଚିନ୍ତନର ଗଭୀରତା ଓ ଭାଷାର ନୂତନ ପ୍ରୟୋଗ ଦେଖାଯାଇଥିଲା।

ସେହିପରି, ସ୍ୱାଧୀନତା ପରବର୍ତ୍ତୀ କବିତାରେ ପରମ୍ପରା ଓ ଆଧୁନିକତାର ଦ୍ୱନ୍ଦ୍ୱ ଏକ ମୁଖ୍ୟ ଧାରା ଭାବେ ଉଭୟ ରୂପରେ ପ୍ରକଟ ହୋଇଛି। ଗ୍ରାମୀଣ ଜୀବନର ମୂଲ୍ୟବୋଧ ଓ ଶହରୀ ଆଧୁନିକତାର ଚାପ ମଧ୍ୟରେ ମନୁଷ୍ୟର ଅସ୍ଥିରତା ଏହି କବିତାମାନଙ୍କରେ ସ୍ପଷ୍ଟ ଭାବେ ଦେଖାଯାଏ। ଏହା ସହିତ ଜାତୀୟତାବାଦ, ମାନବତାବାଦ ଓ ସାମାଜିକ ସମତାର ଚିନ୍ତାଧାରା ମଧ୍ୟ କବିତାର ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ଅଂଶ ହୋଇଛି। ଏହି ଅଧ୍ୟୟନର ମୂଳ ଲକ୍ଷ୍ୟ ହେଉଛି ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ କବିତାରେ ସମୟ ଚେତନା କିପରି ରୂପାୟିତ ହୋଇଛି, କେଉଁ କେଉଁ ସାମାଜିକ ଓ ସାହିତ୍ୟିକ ପରିସ୍ଥିତି ଏହାକୁ ପ୍ରଭାବିତ କରିଛି, ଏବଂ ଏହାର ଧାରା କିପରି କ୍ରମଶଃ ପରିବର୍ତ୍ତିତ ହୋଇଛି ତାହାକୁ ଗଭୀର ଭାବେ ବିଶ୍ଳେଷଣ କରିବା। ସାରକଥାରେ, ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ କବିତା କେବଳ ସୌନ୍ଦର୍ଯ୍ୟବୋଧର ପ୍ରକାଶ ନୁହେଁ, ବରଂ ସମୟର ସତ୍ୟ, ସଂଘର୍ଷ ଓ ମନୁଷ୍ୟୀୟ ଅନୁଭୂତିର ଏକ ଜୀବନ୍ତ ଦଲିଲ ଭାବେ ପ୍ରତିଷ୍ଠିତ ହୋଇଛି।

ବିଷୟ ପ୍ରବେଶ

ବିଶ୍ୱ ଶିକ୍ଷା ପରିଧିରେ ଯେତେ ସବୁ ବିଷୟବସ୍ତୁ ରହିଛି ସବୁଠୁ ସ୍ୱତନ୍ତ୍ର ବିଷୟ ହେଉଛି ସାହିତ୍ୟ।ସାହିତ୍ୟ ମଧ୍ୟରେ ଥିବା ସମସ୍ତ ବିଷୟ ମଧ୍ୟରେ କବିତା ହେଉଛି ସ୍ୱତନ୍ତ୍ର ଓ ଭିନ୍ନ ଦିଗ।କବିତା ହେଉଛି କବିର ଆତ୍ମାର ପ୍ରବାହ –"A flow of the soul" ଏହା କବିର ଅନ୍ତଃସର୍ତ୍ତାର ଏକ ଅନୁସରଣ।କବିତା ହେଉଛି ଭଚ୍ଛୁଳାନଈର ସୁଅ।ସୁଖରେ, ଦୁଃଖରେ, ସୌନ୍ଦର୍ଯ୍ୟରେ, ମୂର୍ଚ୍ଛନାରେ କିମ୍ବା ବିପ୍ଳବରେ କବିତା ଆସେ, କବିର ସୁକ୍ଷ୍ମ ଚେତନାକୁ ସ୍ପର୍ଶ କରେ।କବିତା ହେଉଛି କବିର କର୍ମ ବା ସୃଷ୍ଟି।କବିତା ହେଉଛି କବିର ମାନସ କନ୍ୟା।ଏହି ପ୍ରସଙ୍ଗରେ ଅଗ୍ନି ପୁରାଣରେ କୁହାଯାଇଛି :

"ଅପାର କାବ୍ୟ ସଂସାରେ କବିରେବ ପ୍ରଜାପତିଃ
ଯଥା ବୈରୋଚତେ ବିଶ୍ୱ ତଥେଦଂ ପରିବର୍ତ୍ତତେ"।

ବାସ୍ତବିକ୍ କବି ଜଣେ ସାଧାରଣ ମଣିଷଠାରୁ ଯଥେଷ୍ଟ ଉର୍ଦ୍ଧ୍ୱରେ। ସେ ତୃତୀୟ ନୟନର ଅଧିକାରୀ ବୋଲି କୁହାଯାଇଥାଏ। କାରଣ ସାଧାରଣ ମଣିଷ ଯାହା ଦେଖି, ଦେଖି ପାରେନା, ଜାଣି ଜାଣିପାରେନା ଓ ଭାବି ମଧ୍ୟ କହିପାରେନା, କବି ତାହାକୁ ଚମତ୍କାର ଭାବରେ ଆମ ଆଗରେ ଉପସ୍ଥାପନ କରେ। ତେଣୁ କବିତାଟିଏ ପାଠ କରିବା ସମୟରେ ତାହା ଆମକୁ ଚିହ୍ନା ଚିହ୍ନା ଲାଗେ। କବିତା ହେଉଛି ଗୋଟିଏ ଝର୍କା ; ଯେଉଁ ବାଟଦେଇ ଅସୀମକୁ ଦେଖି ହେବ, ସଞ୍ଚରି ଯାଇହେବ ଅନନ୍ତ ପର୍ଯ୍ୟନ୍ତ, ଅତିକ୍ରମ କରିହେବ ଏକ ଜୀବଦ୍ଦଶାକୁ ଲାଘି କଳ୍ପ କଳ୍ପାନ୍ତରକୁ....।କବିତା ଗୋଟିଏ ଜାତିର ଆଶା, ଆକାଂକ୍ଷା, ନିରାଶା ଓ ବେଦନାର ସ୍ୱର।ସାହିତ୍ୟର ବିଭିନ୍ନ ବିଭାଗ ମଧ୍ୟରୁ ଏହା ଅଧିକ ସମ୍ବେଦନଶୀଳ ଓ ମୁଖର।କବିତା କେବଳ ଅନୁଭବ ଓ ଆବେଗ ନୁହେଁ ; ବରଂ କବି ଆତ୍ମାର ପ୍ରକାଶ ମାତ୍ର, ଯେଉଁଠି ସୁକ୍ଷ୍ମତମ ସମ୍ବେଦନାରେ ରହିଛି ବୃହତ୍ ଅଭିବ୍ୟଞ୍ଜନା।ଧୂସର କ୍ଷେତରେ ସନ୍ଧ୍ୟାରେ ଛାଇ ପ୍ରତିବିମ୍ବ ହେଲା ଭଳି କବିତାରେ କବି ହୃଦୟର ଶବ୍ଦ ସବୁ ପ୍ରତିଧ୍ୱନିତ ହୋଇଥାଏ।

ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ କବିତା: ଅନ୍ତର୍ଦ୍ୱନ୍ଦ୍ୱ ଓ ସ୍ୱାକ୍ଷର

ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ କବିତା ଦୀର୍ଘ ସାତ ଦଶନ୍ଧିର ଏକ କାବ୍ୟିକ ଇତିହାସ। ଏହା ଏକ ମିଶ୍ରିତ ପ୍ରତିକ୍ରିୟାର ପରିଣତି।ରୋମାଣ୍ଟିକ୍ ଓ ମିଷ୍ଟିକ୍ ଚିନ୍ତାଦର୍ଶ ସହ ବାସ୍ତବବାଦୀ ଜୀବନବୋଧ ଏହାର ଏକ ବଳିଷ୍ଠ ସ୍ୱର। ପୁଣି ଏକ ପକ୍ଷରେ ସମାଜବାଦୀ ଚିନ୍ତାଧାରା ଏବଂ ଅନ୍ୟ ପକ୍ଷରେ ବ୍ୟକ୍ତିବାଦୀ ଚିନ୍ତାଧାରା ବଳୟରେ ଏହା ବିବର୍ତ୍ତିତ। ଏହି ସମୟର କବିତାରେ ମୂଲ୍ୟବୋଧର ଅବକ୍ଷୟ ଶାଣିତ ହୋଇଛି। ରାଜନୀତିକ ଚେତନାର ଅଧୋପତନ, ବ୍ୟକ୍ତି ଉପରେ ରାଷ୍ଟ୍ରର ଅହେତୁକ ଆଧିପତ୍ୟ, ବ୍ୟକ୍ତି ସ୍ୱାତନ୍ତ୍ର୍ୟର ସଂକୋଚନ, ବିଜ୍ଞାନ ଓ ବୈଷୟିକ ବିଜ୍ଞାନର ଚରମ ବିକାଶ ଓ ଭୌତିକ ସୁଖ ସ୍ୱାଚ୍ଛନ୍ଦ୍ୟ ସତ୍ତ୍ୱେ ଜୀବନ ଦୁଃଖମୟ ଏସବୁ ପ୍ରମୁଖ ପ୍ରସଂଗ ହୋଇଛି। ସ୍ୱାଧୀନତା ପରବର୍ତ୍ତୀ କାଳରେ ଓଡ଼ିଶାରେ ସାମାଜିକ ଚେତନାଧର୍ମୀ କବିତାର ଏକ ବଳିଷ୍ଠଧାରା ପ୍ରବାହିତ ହୋଇଛି। କେଉଁଠି କବିତାରେ ଶ୍ରେଣୀହୀନ ସମାଜ ଗଠନର ବାର୍ତ୍ତା ରହିଛି, କେଉଁଠି ଭୋଟ ସର୍ବସ୍ୱ ରାଜନୀତିର ବିଡ଼ମ୍ବନା ଉଲ୍ଲେଖ ରହିଛି। ଅନ୍ୟ କେଉଁଠି ଜମିଦାରୀ ଶାସନର ଉଚ୍ଛେଦ ତଥା ଗଡ଼ଜାତ ଶାସନର ବିଲୋପ ପରବର୍ତ୍ତୀ ରାଜା, ଜମିଦାର ଆଦି ନବ୍ୟ ଧନୀକ ଶ୍ରେଣୀର ଅଭ୍ୟୁଦୟ କଥା ବର୍ଣ୍ଣିତ ହୋଇଛି।

ସ୍ୱାଧୀନତା ପରବର୍ତ୍ତୀ ଆଧୁନିକ କବିତାରେ ଗଣତନ୍ତ୍ରର ରୂପଧୂସର ହୋଇଯାଇଛି। ସ୍ୱାଧୀନ ଭାରତ ଭୂଇଁରେ ଗାନ୍ଧିଜୀଙ୍କ ପରିକଳ୍ପିତ ରାମରାଜ୍ୟ ସଂସ୍ଥାପନା ପ୍ରତି କବିକୁଳ ସଂନ୍ଦେହ ପ୍ରକାଶ କରିଛନ୍ତି। ସ୍ୱାଧୀନତା ସଂଗ୍ରାମର ଅଗ୍ରଦୂତ ଜାତିରପିତା ମହାତ୍ମାଗାନ୍ଧି ସ୍ୱାର୍ଥ ସର୍ବସ୍ୱ ଜନତାର ଆଖରେ ହୋଇଯାଇଛନ୍ତି ଶୀତଳ ପାଉଁଶ। ଏହି କାଳରେ ସମାଜ ଶ୍ରେଣୀ ବିଭେଦରେ କବଳିତ। ତେଣୁ ସାମାଜିକ ବୈଷମ୍ୟ ବିରୋଧରେ ସ୍ୱର ଶାଣିତ ହୋଇଛି।

ସ୍ୱାଧୀନତା ପୂର୍ବବର୍ତ୍ତୀ କାଳର ଜାତୀୟ ଉନ୍ମାଦନା ଓ ଶ୍ରେଣୀହୀନ ସମାଜ ଗଠନର ଉଦ୍ଦାମ ଆହ୍ୱାନ ଏହି ପର୍ଯ୍ୟାୟରେ ପ୍ରାୟ ଅବଲୁପ୍ତ। ନଗର ସଭ୍ୟତାର କ୍ରମ ବଦ୍ଧିଷ୍ଣୁ ପ୍ରସାର ଫଳରେ ପଲ୍ଲୀର ଗୋଷ୍ଠୀ କୈନ୍ଦ୍ରିକ ଜୀବନ ବିପର୍ଯ୍ୟସ୍ତ। ବିଶେଷତଃ ପଲ୍ଲୀ ଜୀବନର ଅଭାବ ଅନଟନ ଓ ଦୁଃଖ ଦୈନ୍ୟର ଚିତ୍ର ହିଁ କବିତାରେ ଅଧିକ ଅଙ୍କିତ ହୋଇଛି। କବି ସାମାଜିକ ଜୀବଟିଏ। ଏଣୁ ସ୍ୱାଧୀନତାର ଉତ୍ତରକାଳରେ ସାମାଜିକ ଜୀବନର ନାନାଦି ଘାତ ପ୍ରତିଘାତର ପ୍ରତିକ୍ରିୟା ତା' କବିତାରେ ଅଧୁକ ଭାବେ ରୂପାୟିତ ହୋଇଥୁବା ଦେଖିବାକୁ ମିଳେ। ଏକ ବ୍ୟକ୍ତିବାଦୀଧାରା କବିତାକୁ ଆଚ୍ଛନ୍ନ କରି ରଖିଛି। କବିତାରେ ନୂତନ ପ୍ରୟୋଗ ଓ ପରୀକ୍ଷା ନିରୀକ୍ଷା ସର୍ବାଧିକ।

ରହସ୍ୟବାଦୀ କବିତାର ଧାରା ସ୍ୱାଧୀନତା ପରବର୍ତ୍ତୀ କାଳରେ ବେଶ୍ ପ୍ରଚଳିତ। ଅତୀନ୍ଦ୍ରିୟ ପ୍ରତି ଇନ୍ଦ୍ରିୟର ଆକର୍ଷଣ ଏଠାରେ ସୁତୀବ୍ର। ଏଣୁ ରୋମାଣ୍ଟିକ ବାସ୍ତବବାଦୀ ଅଥବା ରହସ୍ୟବାଦୀ – କୌଣସି ଗୋଟିଏ ଶିବିରରେ ଏ କାଳର କବିତାର ସୀମା ନିର୍ଦ୍ଧାରଣ ସମ୍ଭବ ନୁହେଁ। ସର୍ବୋପରି ରୋମାଣ୍ଟିକ୍ କଳ୍ପନାର ପକ୍ଷମେଲି ଦୂରାନ୍ତର ଯାତ୍ରାରତ କବି କଣ୍ଠରୁ ଏ କାଳରେ ଶୁଭେ ବାସ୍ତବ ଜୀବନର ଚିତ୍ର। ଅନ୍ୟ ପକ୍ଷରେ ବାସ୍ତବ ଜୀବନ ପ୍ରତି ସଚେତନ କବି ସତ୍ତା ପାଲଟିଯାଏ ରୋମାଞ୍ଚକର ପରିକଳ୍ପନାର ଚିତ୍ର ପ୍ରତିମା। ସ୍ୱାଧୀନୋତ୍ତର କବିତାରେ ନୂଆ ମନନ ଓ ନୂଆ ସ୍ଥାପତ୍ୟ ଗଠନ ହିଁ ମୁଖ୍ୟକଥା ଅର୍ଥାତ୍ ସ୍ମୃତିରେ ଆଧୁନିକତା, ପ୍ରୟୋଗଶୀଳତାରେ ମଧ୍ୟ ଆଧୁନିକତା। ଏଲିୟଟୀୟ ଆଦର୍ଶରେ ଆଧୁନିକ ହୋଇଉଠିଛି କବିତା। ଆବେଗ ବିଷାଦାକ୍ରାନ୍ତ କ୍ଲାନ୍ତି ଓ ଦୃଷ୍ଟିଭଂଗୀ ବ୍ୟଙ୍ଗାତ୍ମକ। ବ୍ୟକ୍ତିର ମୁକ୍ତି, ଆତ୍ମିକ ଉନ୍ମୋଚନ, ବ୍ୟକ୍ତି ଉପଲବ୍ଧର ଚୂଡ଼ାନ୍ତ ପରିଧି ସଂଧାନ ଏହି କାଳର କବିତାର ଲକ୍ଷ୍ୟ ହୋଇଛି। ତେଣୁ କବିତାର ଧେୟ ସମାଜ ନୁହେଁ କି ରାଷ୍ଟ୍ର ନୁହେଁ; ତାର ଏକମାତ୍ର ଧେୟ ମଣିଷ – ବ୍ୟକ୍ତି ମଣିଷ। ଏକାଳର କବିତାରୁ ବିଷୟ ବା ଭାବବସ୍ତୁ ଉପଲବ୍ଧ କରିବା, ବୁଝିବା ଦୁରୂହ ଓ କଠିନ। ତେଣୁ କବିତାକୁ ଦୁର୍ବୋଧତାର ଅପବାଦ ଭୋଗିବାକୁ ପଡ଼େ। ମୋଟାମୋଟିଭାବେ ଆମେ ସ୍ୱାଧୀନତା ପରବର୍ତ୍ତୀ କବିତାରେ ନିମ୍ନୋକ୍ତ ଲକ୍ଷଣଗୁଡ଼ିକୁ ସଂଧାନ କରୁ-କବିତା ଏକ ନିର୍ମାଣ। ଏଥୁରେ ମନନଧର୍ମିତା ହିଁ ଆଧୁନିକତା, ଛନ୍ଦ ମୁକ୍ତ। ଗଦ୍ୟ ଛନ୍ଦ ଓ ଲୋକଗୀତର ଛନ୍ଦ ମଧ୍ୟ ପ୍ରୟୋଗ ଥାଏ, ଭାଷାରୀତିରେ ବାକ୍ ରୀତି। ସ୍ୱର ଅନୁଚ୍ଚ, ରଚନା ତୀର୍ଯ୍ୟକ୍। ସବୁ ବ୍ୟଞ୍ଜନାଢ୍ୟ, ଲୋକକଥା, ପୁରାଣ ଓ ମିଥ୍ ତଥା ନୂତନ ଜୀବନାନୁଭୂତିର ପ୍ରତିଫଳନ, ପ୍ରାଚୀନ ଉପମାରୁ ଚିତ୍ରକଳ୍ପ, ପ୍ରତୀକାଦି ସୃଷ୍ଟି ଉଦ୍ୟମ।,ବିଚ୍ଛିନ୍ନତାବୋଧ, ମୋହଭଙ୍ଗ ଓ ନୈରାଶ୍ୟ କଥାର ଉଲ୍ଲେଖ।, ଭାବବସ୍ତୁ ନିତାନ୍ତ ଉଦ୍‌ଭଟତା ପୂର୍ଣ।, ସ୍ୱାଧୀନତା ପରବର୍ତ୍ତୀ କବିତାରେ ଆତ୍ମ ବିରୋଧ ଓ ଆତ୍ମବ୍ୟଙ୍ଗ ଅଧିକନ୍ତୁ ଲକ୍ଷ୍ୟଣୀୟ।, ମେଟାଫିଜିକାଲ୍ ଶୈଳୀର ଅନୁବର୍ତ୍ତନ। ଏବଂ କଳ୍ପନା , ପ୍ରେରଣା ଓ ନିଜ ମାଟିର ବାସ୍ନାକୁ ସ୍ୱୀକାର।

ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ କଳିତା ପ୍ରାକ୍ ସ୍ୱାଧୀନତା କାଳୀନ କାବ୍ୟଧାରାର ପୃଷ୍ଠଭୂମିରୁ ଆଉ ଏକ ନୂଆ ପୃଷ୍ଠଭୂମି ଆଡ଼କୁ ପ୍ରଭାବିତ ହୋଇଛି। ଦେଶର ସ୍ୱାଧୀନତା ପ୍ରାପ୍ତି ସହ ଭାରତୀୟମାନଙ୍କ ଚିନ୍ତାଧାରା ଓ ଜୀବନ ଧାରଣରେ ପରିବର୍ତ୍ତନ ଆସିଛି। ଦେଶର ସ୍ୱାଧୀନତା ସହ ଏଦେଇ ପାଇଛି ଜାତି ଓ ଧର୍ମଦଙ୍ଗା। ଦେଶ ବିଭାଜନର ଅସଂତୋଷରୁ ମହାତ୍ମା ଗାନ୍ଧିଙ୍କର ହତ୍ୟା ହୋଇଛି। ଦେଶର ନୂତନ ସଂବିଧାନ ପ୍ରସ୍ତୁତ ହୋଇଛି। ପ୍ରଥମ ସାଧାରଣ ନିର୍ବାଚନ ଅନୁଷ୍ଠିତ ହୋଇଛି। ପଂଚବାର୍ଷିକ ଯୋଜନା ପ୍ରଣୟନ କରି ରାଷ୍ଟ୍ର ଓ ବ୍ୟକ୍ତିର ସମୃଦ୍ଧି କାମନା କରାଯାଇଛି। ଏସବୁ ଦେଶ ନିର୍ମାଣ କାର୍ଯ୍ୟଧାରା ସହ ସମାନ୍ତରାଳ ଭାବରେ ରାଜନୈତିକ-ସାମାଜିକ ଅସ୍ଥିରତା ସୃଷ୍ଟି ହୋଇଛି। ୧୯୬୧ ମସିହାର ଭାରତ –ଚୀନ୍ ଯୁଦ୍ଧ, ୧୯୭୧ ମସିହାର ଭାରତ-ପାକିସ୍ଥାନ ଯୁଦ୍ଧ ଓ ୧୯୯୯ର କାରଗିଲ୍ ସମର ଭାରତୀୟ ଜୀବନ ଧାରାକୁ ପ୍ରଭାବିତ କରିଛି। ବିଭିନ୍ନ ସମୟରେ ସ୍ୱାଧୀନ ଭାରତରେ ଧର୍ମ ନାମରେ ଦଙ୍ଗା ରାଜନୈତିକ ସଂତ୍ରାସବାଦ ସାଧାରଣ ମଣିଷର ଜୀବନ ଧାରାକୁ ଉତ୍କଟ କରିବସିଛି। ରାଜନୀତିରେ କ୍ରମଶଃ ଅପରାଧୀ କରଣ ବୃଦ୍ଧି ପାଇଛି। ଦେଶ ସ୍ୱାଧୀନତା ସହିତ ରାଜନୀତିଜ୍ଞ ମାନଙ୍କର ସେବା ଓ ତ୍ୟାଗ ମନୋଭାବ ଅପସରି ଯିବାରେ ଲାଗିଛି। ୧୯୭୫ ମସିହାରେ ଜାତୀୟ ଜରୁରୀ ପରିସ୍ଥିତି ଘୋଷଣା ପରିସ୍ଥିତିକୁ ଆହୁରି ଅଧିକ ଉତ୍କଟ କରିଛି। ଆମ ଜୀବନ ଧାରାରେ ଏହିସବୁ ଘଟଣା ଗୁଡିକ ପ୍ରତିକ୍ରିୟା ସୃଷ୍ଟି କରିଛି। ଆମ ସମାଜ ଜୀବନରେ ଓ ସାହିତ୍ୟରେ ଆଧୁନିକତା ଏପରି ପୃଷ୍ଠଭୂମିରୁ ଆସିଛି।

ସ୍ୱାଧୀନତା ପରବର୍ତ୍ତୀ ଆଧୁନିକ ଓଡ଼ିଆ କବିତାର ପୃଷ୍ଠଭୂମି ଆକଳନ ପର୍ଯ୍ୟାୟରେ ପଶ୍ଚିମ ପୃଷ୍ଠଭୂମିର ପ୍ରଭାବ ଗୁରୁତ୍ୱ ପୂର୍ଣ୍ଣ ମନେହୁଏ। ପ୍ରଥମ ବିଶ୍ୱ ସମର (୧୯୧୪-୧୮) ଠାରୁ ଦ୍ୱିତୀୟ ବିଶ୍ୱ ସମର (୧୯୩୯-୪୫) ଭିତରେ ପରିବର୍ତ୍ତିତ ୟୁରୋପୀୟ ଜୀବନଧାରା, ସଂସ୍କୃତି ଓ ଚିନ୍ତାଦର୍ଶ ଗୁଡିକ ଓଡ଼ିଆ କାବ୍ୟଧାରାରେ ପ୍ରଭାବ ବିସ୍ତାର କରିଛି। ୧୯୪୫ ମସିହାରେ ହିରୋସୀମା ଓ ନାଗାସାଖିରେ ପରମାଣୁ ବୋମା ନିକ୍ଷେପତା ଦ୍ୱାରା ସୃଷ୍ଟ ମୃତ୍ୟୁ ବୋଧ, ଅମଙ୍ଗଳ ଭାବନା ବିଶ୍ୱ ସାହିତ୍ୟରେ ପ୍ରବେଶ କରିଛି। କବି ଟି.ଏସ୍. ଇଲିଅଟ୍ ପ୍ରଥମ ବିଶ୍ୱସମରରୁ ଉତ୍ପନ୍ନ ନୟାନ୍ତକ ଜୀବନବୋଧ ଗୁଡିକ 'ଓଷ୍ଟଲ୍ୟାଣ୍ଡ'ର କବିତାମାନଙ୍କରେ ପ୍ରକାଶ କରିଥିଲେ। ଯୁଦ୍ଧ ବିଭୀଷିକା ସବୁଜ ମାଟିର ସୌନ୍ଦର୍ଯ୍ୟକୁ ନଷ୍ଟ କରି ଦେଇଛି। ଏଥି ସହିତ ତାଳ ଦେଇ ମଣିଷ କ୍ରମଶଃ ପଙ୍ଗୁ, ନଂପୁସକ ହେବାରେ ବସିଛି। ମାଟି ହରାଇଛି ଉର୍ବରତା ମଣିଷ ତାର ମୂଲ୍ୟବୋଧ। ଏହି ଚିନ୍ତାଦର୍ଶର ପ୍ରଭାବ ସମଗ୍ର ବିଶ୍ୱ ସାହିତ୍ୟରେ ପ୍ରକାଶ ପାଇଲା। ଇଲିଅଟ୍‌ଙ୍କ ଏହି ଅସହାୟତା ବୋଧ ସହ କାର୍ଲ ମାକ୍‌ସଙ୍କ 'ଦ୍ୱନ୍ଦାତ୍ମକ ବସ୍ତୁବାଦ', ଫ୍ରଏଡ୍‌ଙ୍କ 'ଅବଚେତନ ମନର ଯୌନ ବିଶ୍ଳେଷଣ', ଡାଇରନ୍‌ଙ୍କ 'ଯୋଗ୍ୟତମର

ଅବସ୍ଥିତି' ବିତ୍ତଶେଙ୍କ 'ଈଶ୍ୱରମୃତ ଭାବନା' ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ କବିତାରେ ପ୍ରଭାବ ବିସ୍ତାର କଲା। ଗାଆଁ ମଣିଷ ଦେଶକୁ ନେଇ ଲେଖା ଯାଉଥିବା ପ୍ରାକ୍ ସ୍ୱାଧୀନତା କାଳୀନ କବିତା, ଏସବୁ ଆଧୁନିକ ଚିନ୍ତା ଦର୍ଶନ ଦ୍ୱାରା ପ୍ରଭାବିତ ହେଲା। ଗାଁ ବଦଳରେ ନଗର ଆସିଲା। ମଣିଷ ବଦଳରେ ଯନ୍ତ୍ର ସୁଖ ଖୋଜି ଖୋଜି ମଣିଷ ପହଞ୍ଚି ଗଲା ନର୍କର ନନ୍ଦନକାନନରେ। ମୃତ୍ୟୁ ଓ ବିଷାଦର ଛାୟାରେ ସେ ଦିଶିଲା ପାଳଭୂତ ପରି। ଫ୍ରଏଡ୍‌ଙ୍କ ଠାରୁ ପ୍ରଣୟ। କାବ୍ୟ ନାୟକ ବୁଝିଲା ମୃତ୍ୟୁ ଯେ କୌଣସି ସମୟରେ ଆସିପାରେ।

ଏହି କ୍ଷଣିକ ଜୀବନକୁ ନେଇ ସେ ସୁଖ ସଂଧାନ କଲା। ସୁଖ ପାଇଁ ନୀତି-ନିୟମ ପରଂପରା ଭାଙ୍ଗିବାକୁ ସେ ପଛାଇଲା ନାହିଁ। ସ୍ଥିତିବାଦୀ ଦର୍ଶନିକ କାମ୍ୟୁ, କାପ୍‌କା, କିର୍‌କେଗାର୍ଡଙ୍କ ଧାରଣା ସମାଜ ଜୀବନରେ ନୂଆ ବଂଚିବାର ବିକଳ୍ପ ସୃଷ୍ଟିକଲା। ମଣିଷ ବଂଚିବା ଦର୍କାର। ତା'ର ସୁଖ ଓ ସୌନ୍ଦର୍ଯ୍ୟ ଲୋଡ଼ା। ଏଥିପାଇଁ ତା ପାଇଁ ଯାହା କରଣୀୟ, ସେ ତାହା କରିବା ସମାଜ, ସଙ୍ଗଠନ, ରୀତି, ସଂସ୍କୃତିର ପ୍ରଭାବକୁ ସ୍ଥିତିବାଦୀମାନେ ଘୃଣା କରନ୍ତି। ମଣିଷର ଯଥାର୍ଥ ଅସନ୍ତୋଷରୁ ସ୍ଥିତିବାଦ ଜନ୍ମନେଲା। ଜାଁପଲ ସାର୍ତେ ଘୋଷଣା କଲେ "Existialism is humanism' ସ୍ଥିତିବାଦ ହିଁ ମାନବବାଦ। ସେ ପୁଣି କହିଲେ ଶୂନ୍ୟତା ହିଁ ଈଶ୍ୱର (Nothing reu is God)।କାଫକା ଘୋଷଣା କଲେ ମୁଁ ହେଉଛି ସାହିତ୍ୟ (I am literature)।ସ୍ଥିତିବାଦୀ ଦାର୍ଶନିକ କାମ୍ୟୁ ଘୋଷଣା କଲେ, 'ମୁଁ ମଣିଷର ଗୋଟିଏ କର୍ତ୍ତବ୍ୟ ଜାଣେ ତାହା ହେଉଛି ଅନ୍ୟଙ୍କୁ ଭଲ ପାଇବା (I know one duty of men, that is loving other) ଏହିସବୁ ସ୍ଥିତିବାଦୀ ଚେତନା ଗୁଡିକର ପ୍ରୟୋଗ ସ୍ୱାଧୀନତାର ପରବର୍ତ୍ତୀ ଓଡ଼ିଆ କବିତାରେ ପରିଲକ୍ଷିତ ହୋଇଛି। ପଶ୍ଚିମର ଯୁଦ୍ଧୋତ୍ତର ପୃଷ୍ଠଭୂମି ଏସବୁ ଚେତନା ପ୍ରୟୋଗ ପାଇଁ ସୁଯୋଗ ସୃଷ୍ଟି କରିଛି। ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ କବିତା ଗୁଡିକ ମୁଖ୍ୟତଃ ସ୍ଥିତିବାଦୀ କବିତା। ଏହି କବିତାରେ ପ୍ରକାଶ ପାଇଥିବା ନିଃସଙ୍ଗତା, ମୃତ୍ୟୁ, ଈଶ୍ୱର ହୀନତା, ପାପବୋଧ, ପରକୀୟା, ଯୌନ ଭାବନା,ସମୟ ଚେତନା,ମୃତ୍ୟୁବ୍ୟାକୁଳତା ଗୁଡିକ ଏହି ସ୍ଥିତିବାଦୀ ଚେତନାରୁ ସୃଷ୍ଟି। ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ କବିତାର ପୃଷ୍ଠଭୂମିଟି ଭାରତୀୟ ଓ ପଶ୍ଚିମ ପୃଷ୍ଠଭୂମି ଦ୍ୱାରା ବିକଶିତ ହୋଇଛି।

ଆଧୁନିକ ଓଡ଼ିଆ କବିତାର ଦୃଷ୍ଟି ଓ ଦିଗନ୍ତ ବିଚିତ୍ର ଓ ବର୍ଣ୍ଣୋଜ୍ଜଳ। ଜୀବନର ଚଳତି ଧାରା ସହ ଏହା ଓତଃପ୍ରୋତ ଭାବେ ଜଡ଼ିତ। ଯୁଗର ସମସ୍ୟା ଓ ସଂକଟ ସହ ନିବିଡ଼ ଭାବରେ ସଂଶ୍ଳିଷ୍ଟ ଏହାର ଅନ୍ତଃସ୍ୱର। ସମାଜ ତଥା ବ୍ୟକ୍ତି ଜୀବନର ହତାଶା, ନୈରାଶ୍ୟ ପୁଣି ଆଶା ଓ ଆବେଗ ଆଦି ବହୁ ବିପରୀତଧର୍ମୀ ଭାବ–ସଂଘର୍ଷ ଏହାର ବକ୍ତବ୍ୟର ପରିସରଭୁକ୍ତ। "ପଲ୍ଲୀଠାରୁ ନଗର, ପ୍ରକୃତିଠାରୁ ପରମେଶ୍ୱର, ସ୍ୱପ୍ନଠାରୁ ସଂଗ୍ରାମ, ସ୍ମୃତିଠାରୁ ସମ୍ପ୍ରତି – ସମୟ ଚେତନାର ବିବିଧ ଭାବ-ପ୍ରବାହକୁ ନେଇ ଗତିଶୀଳ। ଜୀବନ ଓ ମୃତ୍ୟୁର ପରିଧିରେ ଆବର୍ତ୍ତିତ କବିର ବିଶ୍ୱ। ଜୀବନର ବହୁ ପାର୍ଶ୍ୱିକ ଭାବସମ୍ପାତରେ ଆଲୋଡ଼ିତ ତା'ର ଦିଗନ୍ତ।" ଏହି ପରିପ୍ରେକ୍ଷୀରେ ବିଚାର କଲେ ଆଧୁନିକ କବି ତା'ର ଐତିହ୍ୟ ପ୍ରତି ଯେତିକି ସଚେତନ, ସେହିପରି ସ୍ମୃତି ପ୍ରତି ମଧ୍ୟ ସେତିକି ମୋହମୁଗ୍ଧ। ପାରିପାର୍ଶିକ ଝରା ଫୁଲର କାରୁଣ୍ୟରେ ସେ ଉଦ୍‌ବେଳିତ। ପୁଣି ଅନାଗତ ଭବିଷ୍ୟତରେ ତା'ର କୋମଳ ହୃଦୟ ରୋମାଞ୍ଚିତ। ଅପରପକ୍ଷରେ ଜୀବନର ଅବକ୍ଷୟ ପ୍ରତି ତା'ର ଦୃଷ୍ଟି ତୀର୍ଯ୍ୟକ। ଏହାରି ମଧ୍ୟରେ ସମାଜ, ଶାସନ ବ୍ୟବସ୍ଥା, ସାଂସ୍କୃତିକ ଅବକ୍ଷୟୀ ଚେତନା ସହିତ ବ୍ୟକ୍ତିଗତ ମୂଲ୍ୟବୋଧ ବିବର୍ଣ ସ୍ଥିତି ପ୍ରତି ତା'ର ରହିଛି ଶ୍ଳେଷ ଶାଣିତ ଦୃଷ୍ଟିଭଙ୍ଗୀ। ଚରିତ୍ରମାନେ ପ୍ରତି ସ୍ତରରେ ବଞ୍ଚିବାପାଇଁ ସତତ ସଂଗ୍ରାମଶୀଳ। ସେମାନଙ୍କର ସ୍ୱପ୍ନ ଓ ସାଧନା, ବିଷାଦ ଓ ବେଦନା, ଔଦ୍ଧତ୍ୟ ଓ ଅହଙ୍କାର, ପୁଣି ପତନ ଓ ବିପର୍ଯ୍ୟସ୍ତ ଉଜୁଡ଼ା ଜୀବନ ପ୍ରତି ଆଧୁନିକ କବି ବେଶ୍ ସଚେତନ। ବିଶେଷ କରି ତା'ର କବିଚିତ୍ତ ଅନ୍ତଃସତ୍ତାର ଏକ ଅନୁସରଣ ମାତ୍ର। ଏହି ମର୍ମରେ ସେ ଆଶ୍ରୟ ନେଇଛି ବିବିଧ ପ୍ରତୀକ,ଚିତ୍ରକଳ୍ପ, ମିଥ୍,ଓ ଉଷାର ସୌନ୍ଦର୍ଯ୍ୟଦୀପ୍ତ ରସାଣିତ ବିଭବ। ତେଣୁ ଆଧୁନିକ କବିତା ଆଉ କୌଣସି ସୁନିର୍ଦ୍ଦିଷ୍ଟ ଧାରାରେ ଆବଦ୍ଧ ନୁହେଁ ବରଂ ସେ ମୁକ୍ତ ଅନ୍ତର୍ଭେଦୀ ତା'ର ଗତି। ଏହି ରିତ୍ତିଭୂମି ଉପରେ ତା'ର ସୃଜନୀ କର୍ମ ବେଶ୍ ଝଲସି ଦୃଷ୍ଟି ପରିଧିକୁ କରିଛି ପରିବ୍ୟାପ୍ତ, ଦିଗନ୍ତ ପ୍ରସାରୀ। ଏହି ପରିପ୍ରେକ୍ଷୀରେ ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ କବିତାର ପ୍ରବୃରି ଓ ପ୍ରକରଣରେ ଅନେକ ପରିବର୍ତ୍ତନ ଦେଖା ଗାଲା। ଏହି ସମୟର କବିତାରେ ବାସ୍ତବ ବାଦୀ ଚେତନା ବାମପନ୍ଥୀ ଚେତନା, ମୃତ୍ୟୁ ଚେତନା, ରୋମାଣ୍ଟିକ ଚେତନା, ରହସ୍ୟବାଦୀ ଚେତନା, ଅସହାୟ ବୋଧ, ପାପବୋଧ, ଯୌନ ପିପାସା, ଈଶ୍ୱର ହୀନତା, ସମୟ ଚେତନା ଆଦି ଚେତନା ଗୁଡିକ ପ୍ରୟୋଗ ଘଟିଛି।

ସ୍ୱାଧୀନତା ପରବର୍ତ୍ତୀ ଚେତନାକୁ ନେଇ କବିତା ସୃଷ୍ଟି କରୁଥିବା କବି ମାନେ ହେଲେ -ଗୁରୁପ୍ରସାଦ ମହାନ୍ତି, ରମାକାନ୍ତ ରଥ, ସୀତାକାନ୍ତ ମହାପାତ୍ର, ବିନୋଦ ନାୟକ, ସୌଭାଗ୍ୟ କୁମାର ମିଶ୍ର, ରାଜେନ୍ଦ୍ର କିଶୋର ପଣ୍ଡା, ରଚି ସିଂ, ହରପ୍ରସାଦ ଦାସ, ଫନୀ ମହାନ୍ତି, ଦୀପକ ମିଶ୍ର, ଜଗନ୍ନାଥ ପ୍ରସାଦ ଦାସ ପ୍ରମୁଖଙ୍କ ରଚନାରେ ପ୍ରତିଫଳିତ ହୋଇଛି। ଏହି ସବୁ ଆଧୁନିକ କାବ୍ୟସ୍ରଷ୍ଟା ବ୍ୟକ୍ତି ସତ୍ତା, ଛଳନା ପୂର୍ଣ୍ଣ ଜୀବନ, ମୃତ୍ୟୁମୁଖୀ ଅନ୍ତର୍ଜ୍ୱଳନ, ନୈରାଶ୍ୟ, ବେଦନା, ଆତ୍ମକୈନ୍ଦ୍ରିକ ମନୋଭାବକୁ ମିଥ୍ ଚେତନା ଲୋକକଥା ଓ ପୁରାଣ କଥା ମାଧ୍ୟମରେ ନିଜ କବିତାରେ ଉଦ୍‌ଘାଟିତ କରିଛନ୍ତି। ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ କବିତାରେ କବିଙ୍କ ରଚନାରେ ମିଥ୍ ର ବୁଦ୍ଧିଦୀପ୍ତ ପ୍ରୟୋଗ ଉଲ୍ଲେଖନୀୟ। କେବଳ ସେତିକି ନୁହେଁ, ରୋମାଣ୍ଟିକ୍ କବିତାର ଭାବ ପଟ୍ଟରେ ପ୍ରକୃତି ଓ ପ୍ରଣୟ ସ୍ୱାଧୀନତାତ୍ତୋର କବିତାରେ ବେଶ୍ ରଦ୍ଧିମନ୍ତ। କିନ୍ତୁ ଆଧୁନିକ କବିତାରେ ଈଶ୍ୱରଙ୍କ ସ୍ଥିତି ପ୍ରତି ସନ୍ଦେହ ଓ ଅବିଶ୍ୱାସ ବଳବତ୍ତର ଦେଖାଯାଏ, ତଥାପି ଆଧ୍ୟାତ୍ମିକ ଜିଜ୍ଞାସାର ଅଭାବ ନାହିଁ।

ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ କବିତାରେ ବିଭିନ୍ନ ଚେତନା ଧାରା ମଧ୍ୟରୁ "ସମୟ ଚେତନା" ଏକ ଗୁରୁତ୍ୱପୂର୍ଣ୍ଣ ଧାରା ଭାବେ ପରିଗଣିତ। ଏହି ସମୟ ଚେତନା କେବଳ କାଳବୋଧର ପ୍ରତିଫଳନ ନୁହେଁ, ବରଂ ସେହି ସମୟର ସାମାଜିକ, ଆର୍ଥିକ ଓ ମାନସିକ ପରିସ୍ଥିତିର ଗଭୀର ଅନୁଭୂତିର ଅଭିବ୍ୟକ୍ତି। ସ୍ୱାଧୀନତା ପରେ ଦେଶ ଓ ସମାଜରେ ଅନେକ ପରିବର୍ତ୍ତନ ଘଟିଥିଲେ ମଧ୍ୟ, ସମାନତାର ସ୍ୱପ୍ନ ପୂରଣ ହୋଇପାରିନଥିଲା। ଏହାର ପରିଣତିରୂପେ ସମାଜରେ ଅସମତା, ବିରୋଧାଭାସ ଓ ଅନ୍ୟାୟର ବୃଦ୍ଧି ଦେଖାଗଲା। ଏହି ପରିସ୍ଥିତି କବିମାନଙ୍କ ମନସ୍କୁ ଗଭୀର ଭାବେ ପ୍ରଭାବିତ କରିଥିଲା। ତେଣୁ ସେମାନଙ୍କ କବିତାରେ ନୈରାଶ୍ୟ, ବେଦନା ଓ ନିରାଶାର ସ୍ୱର ପ୍ରମୁଖ ଭାବେ ଉଚ୍ଚାରିତ ହେଲା। ସେହି ସହିତ, ବ୍ୟକ୍ତିଗତ ଅନୁଭୂତି ଓ ଆତ୍ମକୈନ୍ଦ୍ରିକ ମନୋଭାବ ମଧ୍ୟ ଏହି ସମୟର କବିତାରେ ପ୍ରକାଶ ପାଇଲା। କବିମାନେ ବାହ୍ୟ ସମାଜିକ ସତ୍ୟ ସହ ନିଜର ଆନ୍ତରିକ ସଂଘର୍ଷକୁ ମିଶାଇ ଏକ ନୂତନ କବିତାଧାରାର ସୃଷ୍ଟି କରିଥିଲେ। ଏହିପରି ଭାବେ କୁହାଯାଇପାରେ ଯେ, ସ୍ୱାଧୀନତା ପରବର୍ତ୍ତୀ ଅସମତା, ନୈରାଶ୍ୟ ଓ ବେଦନାର ଅନୁଭୂତି ମଧ୍ୟରୁ ଉଦ୍ଭବ ହୋଇଥିବା ସମୟ ଚେତନା ଓଡ଼ିଆ କବିତାକୁ ଏକ ନୂତନ ଦିଗ ଓ ଗଭୀରତା ଦେଇଛି।

ସ୍ୱଧିନତା ପରବର୍ତ୍ତୀ ସମୟ ଚେତନାକୁ ନେଇ କବିତା ରଚନା କରୁଥିବା କବି ମାନେ ହେଉଛନ୍ତି -ସୀତାକାନ୍ତ ମହାପାତ୍ର, ନିତ୍ୟାନନ୍ଦ ନାୟକ, ଗୁରୁପ୍ରସାଦ ପ୍ରସାଦ ମହାନ୍ତି,ହରିହର ମିଶ୍ର, ଶରତ ଚନ୍ଦ୍ର ପ୍ରଧାନ, ରମାକାନ୍ତ ରଥ, ସୌଭାଗ୍ୟ କୁମାର ମିଶ୍ର, ଭାନୁଜୀ ରାଓ, ଦୀପକ ମିଶ୍ର, ପ୍ରସନ୍ନ ପାଟଶାଣୀ, ଜୟନ୍ତ ମହାପାତ୍ର,ପ୍ରସନ୍ନ କୁମାର ମିଶ୍ର, ବୈକୁଣ୍ଠ ସାହୁ, ଦେବାଶିଷ ଚକ୍ରବର୍ତ୍ତୀ ସତ୍ୟନାରାୟଣ ନନ୍ଦ, ବିପିନ ନାୟକ, ସଦାଶିବ ଦାଶ, ବିଜୟିନୀ ଦାଶ ଇତ୍ୟାଦି।

ସମୟ ହେଉଛି ଜୀବନର ଅବିରତ ଗତିଧାରା, ଯାହା କେବେ ରୁକେ ନାହିଁ, କେବେ ପଛକୁ ଫେରେ ନାହିଁ। ଏହା ଏକ ପକ୍ଷରେ ବଳବାନ ଓ ଅନିବାର୍ଯ୍ୟ, ଅନ୍ୟ ପକ୍ଷରେ ନିଷ୍ଠୁର ଓ ଅନୁକମ୍ପାହୀନ। ମଣିଷର ସମଗ୍ର ଜୀବନ—ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ—ଏହି ତିନି କାଳର ଧାରାରେ ଗଢ଼ିଉଠେ। ସମୟ ସହ ତାଳମେଳ ରଖିବାରେ ଅସମର୍ଥ ହେଲେ, ମଣିଷ ପଛକୁ ପଡ଼ିଯାଏ, ତାଙ୍କର ଅସ୍ତିତ୍ୱ ମଧ୍ୟ ଅନ୍ଧକାରମୟ ହୋଇଯାଏ। ସମୟର ସ୍ୱଭାବ ହେଉଛି ଗତିଶୀଳତା। ଏହା କେବେ ସ୍ଥିର ନୁହେଁ, ବରଂ ଏକ ଅବିରତ ପ୍ରବାହ ଭଳି ବହିଚାଲେ। ଏହି ପ୍ରବାହରେ ମଣିଷର ଜୀବନ ନିର୍ମାଣ ଓ ବିନାଶ ଦୁହିଁ ଘଟେ। ସମୟର ଏହି ଦ୍ୱିତୀୟ ଚରିତ୍ର—ସୃଷ୍ଟି ଓ ବିନାଶ—କବିମାନଙ୍କ ମନକୁ ଗଭୀର ଭାବରେ ଆନ୍ଦୋଳିତ କରିଥାଏ। ଆଜିର ସମୟ ସନ୍ଦେହ, ଇର୍ଷା, ଭୟ ଓ ପାପରେ ପରିପୂର୍ଣ୍ଣ। ଏହା ଆଧୁନିକ ସମାଜର ନୈତିକ ପତନକୁ ସୂଚିତ କରେ। ଜୀବନ ଆଜି ଅଧିକ ଜଟିଳ, ଯନ୍ତ୍ରଣାମୟ ଓ ଅସ୍ଥିର ହୋଇଯାଇଛି। ସମ୍ପର୍କଗୁଡ଼ିକରେ ଅବିଶ୍ୱାସ ଓ ଅନିଶ୍ଚିତତା ବଢ଼ିଛି। ଏହି ପରିସ୍ଥିତିରେ କବି ତାଙ୍କର ଅନୁଭୂତିକୁ ସମୟର ଅନ୍ଧକାର ଚିତ୍ରରେ ପ୍ରକାଶ କରନ୍ତି। ସ୍ୱାଧୀନତା ପରବର୍ତ୍ତୀ କବିମାନେ ସମୟ ପ୍ରତି ବହୁତ ସଚେତନ ଓ ସମ୍ବେଦନଶୀଳ। ସେମାନେ କେବଳ ସମୟକୁ ଦେଖନ୍ତି ନୁହେଁ, ବରଂ ତାହାକୁ ଅନୁଭବ କରନ୍ତି। ସମୟର ପ୍ରତାରଣା, ପ୍ରବଞ୍ଚନା ଓ ନିଷ୍ଠୁରତାକୁ ସେମାନେ ନିଜ କବିତାରେ ପ୍ରତିବିମ୍ବିତ କରନ୍ତି। କବି ପାଇଁ ସମୟ କେବଳ ଏକ ପରିମାପ ନୁହେଁ, ଏହା ଏକ ଅନୁଭୂତି, ଏକ ଦାର୍ଶନିକ ସତ୍ୟ। ଓଡ଼ିଆ କବିତାରେ ସମୟ ବିଭିନ୍ନ ରୂପରେ ଅଭିବ୍ୟକ୍ତ ହୋଇଛି—କେଉଁଠି ଏହା ସ୍ମୃତିର ଅନୁରଣନ, କେଉଁଠି ଏହା ବିଷାଦର ଛାୟା, ଆଉ କେଉଁଠି ଏହା ଆଶା ଓ ପରିବର୍ତ୍ତନର ପ୍ରତୀକ।

ସ୍ୱାଧୀନତା ପରେ ମଣିଷ ଭାବିଥିଲେ—ଜୀବନ ସୁନ୍ଦର, ସମାନତାମୂଳକ ଓ ସମୃଦ୍ଧ ହେବ। କିନ୍ତୁ ବାସ୍ତବ ଜୀବନ ସେପରି ହୋଇନଥିଲା। ଦରିଦ୍ରତା, ବେକାରି, ଅସମାନତା ବଢ଼ିଲା।ନୈତିକତା କମିଗଲା। ମଣିଷର ମନରେ ଅସନ୍ତୋଷ ଓ ଅନିଶ୍ଚିତତା ଆସିଲା। ସେଥିପାଇଁ କବିମାନେ ଏହି ସମୟକୁ ଦୋଷ ଦେଇଛନ୍ତି। ସେମାନଙ୍କ ମତରେ ସମୟ ମଣିଷକୁ "ସୁନ୍ଦର ଓ ସବୁଜ ଜୀବନ" ଦେବାରେ ବିଫଳ। ଏହି କାଳର କବିତାରେ ସବୁଠି ଦେଖାଯାଏ— ଛଳନା (deception),ପ୍ରତାରଣା (cheating),ଅହଂକାର (ego),ମଣିଷ ମଣିଷଙ୍କୁ ଭରସା କରିପାରୁନାହିଁ। ସମ୍ପର୍କଗୁଡ଼ିକ ଦୁର୍ବଳ ହୋଇଯାଇଛି। ଏହି ପରିସ୍ଥିତିକୁ କବିମାନେ ଅତ୍ୟନ୍ତ ବେଦନାର ସହିତ ଚିତ୍ରଣ କରିଛନ୍ତି। ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ସାରା ବିଶ୍ୱରେ ଏକ ଭୟଙ୍କର ବିନାଶ ଓ ନିରାଶାର ପରିବେଶ ସୃଷ୍ଟି ହୋଇଥିଲା। ୟୁରୋପରେ ଜୀବନ ଧ୍ୱଂସ ହୋଇଗଲା ମଣିଷ ମନରେ ନିରାଶା ଓ ଅର୍ଥହୀନତା ବଢ଼ିଲା।ଏହି ପଶ୍ଚିମାଞ୍ଚଳୀୟ ଭାବନା ଭାରତୀୟ କବିତାରେ ମଧ୍ୟ ପ୍ରଭାବ ପକାଇଲା। ତେଣୁ ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ କବିତାରେ ମଧ୍ୟ ଏହି ଅନ୍ଧକାର ଚିତ୍ର ଦେଖାଯାଏ। ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ କବିତାରେ "ସମୟ ଚେତନା" ଏକ ଗଭୀର ଓ ବିଚିତ୍ର ଅନୁଭବ ଭାବେ ଉପସ୍ଥିତ ହୋଇଛି। ଏହି ସମୟର କବିମାନେ ସମୟକୁ କେବଳ ଏକ ପ୍ରାକୃତିକ ପରିବର୍ତ୍ତନ ଭାବେ ନୁହେଁ, ବରଂ ଏକ ଅମାନବୀୟ ଓ ଅନୁଭୂତିହୀନ ଶକ୍ତି ଭାବେ ଦେଖିଛନ୍ତି। ସମାଜରେ ବୃଦ୍ଧି ପାଉଥିବା ଛଳନା, ପ୍ରତାରଣା, ଅହଂକାର, ଓ ମୂଲ୍ୟବୋଧର ପତନ କବିମାନଙ୍କୁ ଗଭୀର ଭାବେ ବ୍ୟାକୁଳ କରିଛି। ଏହି ପରିପ୍ରେକ୍ଷ୍ୟରେ T. S. Eliotଙ୍କ "The Waste Land" କବିତାର ନିରାଶାମୟ ଓ ବିଧ୍ୱଂସ ଚିତ୍ରଣ ସ୍ୱାଧୀନତା ପରବର୍ତ୍ତୀ ଭାରତୀୟ ଓ ଓଡ଼ିଆ କବିତାରେ ପ୍ରତିଧ୍ୱନିତ ହୋଇଥାଏ। ଯୁଦ୍ଧୋତ୍ତର ୟୁରୋପର ଭଙ୍ଗୁର ଜୀବନବୋଧ ଏଠାରେ ମଧ୍ୟ ଅନୁଭବ ହେଉଛି—ଯେଉଁଠି ନାନ୍ଦନିକତା ଓ ଆଦର୍ଶର ସ୍ଥାନରେ ଶୂନ୍ୟତା ଓ ବିରକ୍ତି ରହିଛି।

ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ସାହିତ୍ୟରେ ସମୟ ଚେତନାକୁ ଗଭୀର ଭାବରେ କବିତାରେ ଅଭିବ୍ୟକ୍ତ କରିଥିବା ଏକ ବିଶିଷ୍ଟ କବି ହେଲେ ସୀତାକାନ୍ତ ମହାପାତ୍ର। ସେ ଆଧୁନିକ ଓଡ଼ିଆ କବିତାରେ ସମୟର ତତ୍ତ୍ୱକୁ ଏକ ନୂତନ ଦୃଷ୍ଟିକୋଣରେ ପ୍ରତିପାଦନ କରିଛନ୍ତି। ସୀତାକାନ୍ତ ମହାପାତ୍ରଙ୍କ କବିତାରେ ସମୟ କେବଳ ଘଣ୍ଟା-ମିନିଟ୍‌ର ମାପ ନୁହେଁ, ବରଂ ଏକ ଜୀବନ୍ତ ଶକ୍ତି, ଯାହା ମଣିଷର ଅନୁଭବ, ସ୍ମୃତି ଓ ଅସ୍ତିତ୍ୱ ସହ ଗଭୀର ଭାବେ ଜଡିତ। ସେ ଅତୀତ, ବର୍ତ୍ତମାନ ଓ ଭବିଷ୍ୟତର ମଧ୍ୟରେ ସଂଘର୍ଷ ଓ ସମ୍ପର୍କକୁ ନିଜ କବିତାରେ ଦର୍ଶାଇଛନ୍ତି। ସେ ସମୟକୁ ଏକ ଦାର୍ଶନିକ ଅର୍ଥ ଦେଇଛନ୍ତି। ସମୟ କିପରି ମଣିଷର ଜୀବନକୁ ଗଢ଼େ

ଓ ଭଙ୍ଗେ, ତାହା ସେ ଗଭୀରତାର ସହ ଉପସ୍ଥାପନ କରିଛନ୍ତି। ତାଙ୍କ କବିତାରେ ପୁରାତନ ସଂସ୍କୃତି ଓ ଆଧୁନିକ ଜୀବନର ମଧ୍ୟରେ ସମ୍ପର୍କ ସ୍ପଷ୍ଟ ହୋଇଥାଏ। ସମୟର ପରିବର୍ତ୍ତନ ସହିତ ମୂଲ୍ୟବୋଧର ରୂପାନ୍ତରକୁ ସେ ଉଲ୍ଲେଖ କରିଛନ୍ତି। ମଣିଷ ସମୟରେ ବନ୍ଧା ଥିଲେ ମଧ୍ୟ, ସେ ସମୟକୁ ବୁଝିବା ଓ ତାହାର ସହ ଲଢ଼ିବା ଚେଷ୍ଟା କରେ—ଏହି ଭାବନା ତାଙ୍କ କବିତାରେ ପୁନଃପୁନି ଦେଖାଯାଏ। ତାଙ୍କ ଭାଷା ଗଭୀର, ପ୍ରତୀକାତ୍ମକ ଓ ଚିନ୍ତନଶୀଳ। ଚିତ୍ରକଳ୍ପ ଓ ପ୍ରତୀକର ମାଧ୍ୟମରେ ସେ ସମୟର ଜଟିଳତାକୁ ସୁନ୍ଦର ଭାବେ ପ୍ରକାଶ କରିଛନ୍ତି।

"ଏବେ ଖରାବେଳ କେଡ଼େ ଇଂବା ମନେହୁଏ/ ସତେ ଅବା କେବେହେଲେ ଆଉ ସରିବନି/
ଅନ୍ତହୀନ କ୍ଲାନ୍ତି ପରି ଆକାଶରୁ ସୂର୍ଯ୍ୟ ଝୁଲି ରହେ/ ଗଛରେ ଚଢ଼େଇଟିଏ ଡାକିଦେଲେ/
ତୋ କାନରେ ଆଉ କାହା ସ୍ୱର ଶୁଭିଯାଏ"। (ଏ କୂଳ ସେକୂଳ : ସମୟର ଶେଷନାମ : ସୀତାକାନ୍ତ ମହାପାତ୍ର)

ସୀତାକାନ୍ତ ମହାପାତ୍ରଙ୍କ କବିତାରେ "ଖରାବେଳ" ଏକ ଗଭୀର ପ୍ରତୀକ ଭାବେ ଉଭାସିତ ହୋଇଛି। ଏଠାରେ ଖରାବେଳର ଲମ୍ବା ଅନୁଭୂତି ଦୁଃଖର ଆୟୁଷ ବଢ଼ିବାକୁ ସୂଚାଏ। ଯେପରି ତିବ୍ର ଗରମରେ ସମୟ କଟିବା ଦୁଷ୍କର ଲାଗେ, ସେପରି ଜୀବନର ଯନ୍ତ୍ରଣାମୟ ଅବସ୍ଥାରେ ମଣିଷ ସମୟକୁ ଅନ୍ତହୀନ ଭାବରେ ଅନୁଭବ କରେ। "ଛାଇ ନାହିଁ" ବୋଲି କୁହାଯାଇଥିବାରେ ଆଶ୍ରୟ, ସାନ୍ତ୍ୱନା ଓ ସୁଖର ଅଭାବ ସ୍ପଷ୍ଟ ହୋଇଥାଏ। ଏହା ଏକ ଏମିତି ସମୟକୁ ଚିତ୍ରଣ କରେ, ଯେଉଁଠି ମଣିଷ କୌଣସି ରକ୍ଷା ବା ଶାନ୍ତି ପାଉନାହିଁ, ଫଳରେ ଜୀବନ ଅସହ୍ୟ ଓ ଦୁର୍ବିସହ ହୋଇଯାଏ। ଏହି ପରିସ୍ଥିତିରେ କବି ମଣିଷର ଯୌନକାମନାକୁ ଉଭାସିତ କରିଛନ୍ତି, ଯାହାକୁ ସେ ଏକ ମୌଳିକ ମାନବୀୟ ପ୍ରବୃତ୍ତି ଭାବେ ଦେଖାଇଛନ୍ତି। ଏହା କେବଳ ଶାରୀରିକ ଇଚ୍ଛା ନୁହେଁ, ବରଂ ସ୍ନେହ, ସ୍ପର୍ଶ ଓ ଆତ୍ମୀୟତା ପାଇଁ ଗଭୀର ଆକାଙ୍କ୍ଷାର ପ୍ରତୀକ। ଖରାବେଳ ପରି ଶୂନ୍ୟ ଓ କଠିନ ସମୟରେ ମଣିଷ ଏହି ଆକାଙ୍କ୍ଷାରେ ଏକ ପ୍ରକାର ଆଶ୍ରୟ ଖୋଜେ। ତେଣୁ, କବି ଏଠାରେ ଦେଖାଇଛନ୍ତି ଯେ ଜୀବନର ନିରାଶା ଓ ଏକାକୀତ୍ୱ ମଧ୍ୟରେ ମଣିଷର ମୌଳିକ ଚେତନା କିପରି ସକ୍ରିୟ ହୋଇ ତାଙ୍କୁ ଜୀବନ ସହିତ ଯୋଡ଼ି ରଖେ।

ଅନ୍ୟ ଏକ କବିତା –

"ଖରାବେଳେ ନିଛାଟିଆ /ବୃନ୍ଦାବନ ସହରର ବାଟ/ ଉତ୍ତାପର ଟହ ଟହ /
ହସ ମଧ୍ୟ ପ୍ରେମିକ ସମ୍ରାଟ/ ଆଖରେ ପ୍ରଚଣ୍ଡ ଏବଂ ହାତରେ ମୁରଲୀ /
ଧରି ଡାକୁଛନ୍ତି ରାଧା ଆସ ଆସ ବୋଲି"। (ସୂର୍ଯ୍ୟାସ୍ତର ଖରା ଶେଷ ନୁହେଁ : ସଂଦିପ୍ତ ମୃଗୟା)

ଏହି ଚିତ୍ରଣରେ "ଖରାବେଳ" ସମୟ ଚେତନାର ଏକ ଗଭୀର ପ୍ରତୀକ ଭାବେ ଉପସ୍ଥିତ। ବୃନ୍ଦାବନର ନିଛାଟିଆ ବାଟ ଓ ଉତ୍ତାପର "ଟହ ଟହ" ପରିବେଶ ସମୟର କ୍ଲାନ୍ତି ଓ କଠିନ୍ୟକୁ ସୂଚିତ କରେ। ଏଠାରେ ସମୟ ଜଣେ ନିଷ୍ଠୁର ଶକ୍ତି, ଯାହା ଜୀବନକୁ ନିର୍ଜୀବ ଓ ନିରସ କରିଦେଉଛି। ଏହି ତୀବ୍ର ତାପ ମାନବ ମନର ଅନ୍ତର୍ନିହିତ କ୍ଲାନ୍ତିକୁ ପ୍ରକାଶ କରେ, ଯେଉଁଠାରେ ସମୟ ଗତିଶୀଳ ହେଉଥିଲେ ମଧ୍ୟ ଏହାର ଅନୁଭୂତି ଏକ ଅନ୍ତହୀନ ଓ ଭାରବାହୀ ପରି ଲାଗେ। ଏହିପରି ପରିବେଶରେ ବୃନ୍ଦାବନ ଭଳି ପ୍ରେମମୟ ସ୍ଥାନ ମଧ୍ୟ ଶୂନ୍ୟ ଓ ନିର୍ଜୀବ ହୋଇଯାଏ, ଯାହା ସମୟର କଠିନ ପ୍ରଭାବକୁ ସ୍ପଷ୍ଟ କରେ। ଏହି କ୍ଲାନ୍ତ ଓ କଠିନ ସମୟ ମଧ୍ୟରେ ଶ୍ରୀକୃଷ୍ଣଙ୍କ "ପ୍ରେମିକ ସମ୍ରାଟ" ରୂପ ଏକ ବିପରୀତ ଚିତ୍ର ତିଆରି କରେ। ମୁରଲୀ ଧରି ସେ ରାଧାଙ୍କୁ ଡାକୁଛନ୍ତି—"ଆସ ଆସ" ବୋଲି। ଏହା ସମୟର କଠିନତାକୁ ଭାଙ୍ଗିବାରେ ପ୍ରେମର ଆହ୍ୱାନ। କିନ୍ତୁ ଏହି ପ୍ରେମ ସହଜ ନୁହେଁ; ଖରାବେଳର ତାପ ଏହାକୁ ଏକ ସଂଘର୍ଷର ରୂପ ଦେଇଥାଏ। ସେହିପରି, ଏଠାରେ ସମୟ ଏକ ପକ୍ଷରେ କ୍ଲାନ୍ତି ଓ କଠିନ୍ୟର ପ୍ରତୀକ ହେଲେ, ଅନ୍ୟ ପକ୍ଷରେ ପ୍ରେମ ସେହି ସମୟକୁ ଅତିକ୍ରମ କରିବାର ଶକ୍ତି ଭାବେ ଉଭାସିତ ହୋଇଛି।

ସମୟ ଚେତନାକୁ ଆଧାର କରି କବିତା ରଚନା କରୁଥିବା ଓଡ଼ିଆ ସାହିତ୍ୟରେ ବହୁତ କବି ଥିଲେ ମଧ୍ୟ, ନିତ୍ୟାନନ୍ଦ ନାୟକ ଏହି କ୍ଷେତ୍ରରେ ଜଣେ ପ୍ରମୁଖ ଓ ବିଶିଷ୍ଟ କବି ଭାବେ ପରିଚିତ। ତାଙ୍କ କବିତାରେ ସମୟର ଗତି, ପରିବର୍ତ୍ତନ ଓ ମାନବଜୀବନର ଅନିତ୍ୟତା ଉପରେ ଗଭୀର ଚିନ୍ତନ ଦେଖାଯାଏ। ନିତ୍ୟାନନ୍ଦ ନାୟକଙ୍କ କବିତାରେ ସମୟ କେବଳ ଘଡ଼ିର ମାପ ନୁହେଁ; ଏହା ଜୀବନର ଅନୁଭବ, ସଂଘର୍ଷ ଓ ସମାଜିକ ପରିବର୍ତ୍ତନର ଏକ ପ୍ରତୀକ। ସେ ସମୟକୁ କେବେ ନିଷ୍ଠୁର, କେବେ ଶିକ୍ଷକ, ଆଉ କେବେ ଜୀବନର ନିୟନ୍ତ୍ରକ ଭାବେ ଚିତ୍ରଣ କରିଛନ୍ତି। ଏହି କାରଣରୁ ତାଙ୍କର କବିତାରେ ସମୟ ଚେତନା ଏକ ଗଭୀର ଦାର୍ଶନିକ ମାନ ଅଧିଗତ କରେ। ତେଣୁ କୁହାଯାଏ ଯେ, ଓଡ଼ିଆ ସାହିତ୍ୟରେ ସମୟ ଚେତନାକୁ ନେଇ ସୃଜନଶୀଳ କବିତା ରଚନାରେ ନିତ୍ୟାନନ୍ଦ ନାୟକଙ୍କ ଅବଦାନ ଅତ୍ୟନ୍ତ ସ୍ମରଣୀୟ ଓ ଗୁରୁତ୍ୱପୂର୍ଣ୍ଣ।

"ଅସରନ୍ତି ଯନ୍ତ୍ରଣାରେ ପରିପୂର୍ଣ ଦିଶେ ଝଲମଲ /ମଲାଗଛଙ୍କ ଡାଳରୁ ଝରିପଡ଼େ ଅବିଶ୍ୱାସର ପେଛା ପେଛା ଫୁଲ"।
(ଚଢ଼େଇ ଓ ନିଷିଦ୍ଧ ଫଳ : ବିଦୀର୍ଘ ମରାଳ : ନିତ୍ୟାନନ୍ଦ ନାୟକ)

ଉକ୍ତ କବିତାରେ ଗଭୀର ମାନସିକ ଯନ୍ତ୍ରଣା ଓ ସମୟ ପ୍ରତି ଅସନ୍ତୋଷକୁ ସ୍ପଷ୍ଟ କରେ। "ଅସରନ୍ତି ଯନ୍ତ୍ରଣା", "ଅବିଶ୍ୱାସର ପେଛା ପେଛା ଫୁଲ" ପରି ଚିତ୍ରଣରେ କବି ଦେଖାଇଛନ୍ତି ଯେ ସମୟ ମଣିଷଙ୍କୁ ଶାନ୍ତି ଦେବା ପରିବର୍ତ୍ତେ ଯନ୍ତ୍ରଣା, ସନ୍ଦେହ ଓ ଭାଙ୍ଗନର ଅନୁଭବ ଦେଉଛି। ଏଠାରେ ପ୍ରକୃତିର ସୁନ୍ଦର ଚିତ୍ର

(ମଲାଗଛ, ଫୁଲ) ମଧ୍ୟ ନିରାଶାର ପ୍ରତୀକ ହୋଇଯାଇଛି—ଯାହା ସମୟର ବିକୃତ ପ୍ରଭାବକୁ ଉଜାଗର କରେ। ଦ୍ୱିତୀୟ ମତ—"କବି ସମୟକୁ ନେଇ ସନ୍ତୁଷ୍ଟ ନୁହେଁ, ତେଣୁ ତାଙ୍କ କବିତା ଜୀବନର ଜୟଗାନ କରିପାରିନାହିଁ—ଏହା ଅଂଶତଃ ସଠିକ୍, କିନ୍ତୁ ସମ୍ପୂର୍ଣ୍ଣ ନୁହେଁ। କାରଣ, ଜୀବନର ଜୟଗାନ ସବୁବେଳେ ଆନନ୍ଦ ଓ ସକାରାତ୍ମକତାରେ ମାତ୍ର ନୁହେଁ; ବରଂ ଯନ୍ତ୍ରଣା, ଅସନ୍ତୋଷ ଓ ପ୍ରତିବାଦ ମଧ୍ୟରେ ମଧ୍ୟ ଏହା ଲୁକାଇଥାଏ। ନିତ୍ୟାନନ୍ଦ ନାୟକଙ୍କ କବିତା ସମୟର କଠୋରତାକୁ ଉଜାଗର କରି ମଣିଷକୁ ସଚେତନ କରେ—ଏହା ମଧ୍ୟ ଜୀବନକୁ ବୁଝିବାର ଏକ ପ୍ରକାର ଜୟଗାନ। ସେହିପରି, ଏହି କବିତାଟି ସରଳ ଆନନ୍ଦର ଗୀତ ନୁହେଁ, କିନ୍ତୁ ଗଭୀର ସତ୍ୟକୁ ଉଦ୍ଘାଟନ କରି ଜୀବନର ଅନ୍ୟ ଏକ ମୂଲ୍ୟବୋଧକୁ ପ୍ରକାଶ କରେ।

ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ସାହିତ୍ୟରେ "ସମୟ ଚେତନା" ଏକ ମୁଖ୍ୟ ବିଷୟରୂପେ ପ୍ରକାଶ ପାଇଛି। ଏହି ଧାରାରେ କବି ଗୁରୁପ୍ରସାଦ ମହାନ୍ତି ଅନ୍ୟତମ ସ୍ଥାନ ଅଧିକାର କରିଛନ୍ତି। ସେ ତାଙ୍କ କବିତାରେ ସମୟର ଗତି, ମାନବଜୀବନର ଅସ୍ଥିରତା, ଏବଂ ଆଧୁନିକ ସମାଜର ଅନ୍ତର୍ଦ୍ୱନ୍ଦ୍ୱକୁ ସୂକ୍ଷ୍ମ ଭାବରେ ଉପସ୍ଥାପନ କରିଛନ୍ତି। ଗୁରୁପ୍ରସାଦ ମହାନ୍ତିଙ୍କ କବିତାରେ ସମୟ କେବଳ ଗତିଶୀଳ ଶକ୍ତି ନୁହେଁ, ବରଂ ଏକ ନିଷ୍ଠୁର ସତ୍ୟ ଭାବେ ପ୍ରତିପାଦିତ। ସେ ଦେଖାଇଛନ୍ତି ଯେ ସମୟ ମାନବୀୟ ଆଶା, ସ୍ୱପ୍ନ ଓ ସମ୍ପର୍କକୁ ପ୍ରଭାବିତ କରେ। ତାଙ୍କ ରଚନାରେ ବର୍ତ୍ତମାନ ସମୟର ଚାପ, ନିରାଶା, ଓ ମନୋବୃତ୍ତିର ସଂକଟ ଜ୍ୱଳନ୍ତ ଭାବେ ଉଦ୍ଭାସିତ ହୋଇଥାଏ। ସମୟ ଚେତନାକୁ ଗଭୀର ଭାବରେ ଅନୁଭବ କରି ତାହାକୁ କବିତାରେ ରୂପାନ୍ତର କରିଥିବାରୁ ଗୁରୁପ୍ରସାଦ ମହାନ୍ତିଙ୍କୁ ଏହି ଧାରାର ଏକ ପ୍ରମୁଖ କବି ବୋଲି କୁହାଯାଏ।

"ଭୟ ଆଉ ପାପ ମିଶି ଏ ସମୟ ଅନ୍ତଃସତ୍ତ୍ୱା/ ଜୀବନର ଭଗ୍ନାଂଶ କେବଳ /ତେଣୁ ଏହି ସହର ଗଳିରେ ଛିନ୍ନ ପ୍ରାଣହୀନ ଦେହ ଓ କାମନା/
ତେଣୁ ଏହି ସହରର ବିବର୍ଣ୍ଣ ଦେହରେ ଶୀତ ଖଦଡ ଓ କାମନା /ଭିତରେ ହଠାତ୍ ଆସି ଛିଡ଼ାହୁଏ ସାମ୍ନାରେ/ ଅଭିଶପ୍ତ ମଣିଷର ପାପ
ଆଉ ଭୟର ପ୍ରେତାତ୍ମା।" (ହରେକୃଷ୍ଣ ଦାସ–୨, ସମୁଦ୍ର ସ୍ନାନ, ଗୁରୁପ୍ରସାଦ ମହାନ୍ତି)

ଏହି କବିତାରେ ସମୟକୁ କବି ଏକ ଅନ୍ତଃସତ୍ତ୍ୱା ଭାବେ ଦେଖାଇଛନ୍ତି, ଯାହା "ଭୟ" ଓ "ପାପ" ରେ ଗଢ଼ିଉଠିଛି। ଅର୍ଥାତ୍, ଏହି ଯୁଗର ସମୟ ମାନବ ମନୋବୃତ୍ତିର ଅନ୍ଧକାର ପ୍ରବୃତ୍ତି—ଭୟ, ଅନୈତିକତା ଓ ଅସ୍ଥିରତା—ଦ୍ୱାରା ପ୍ରଭାବିତ। "ଜୀବନର ଭଗ୍ନାଂଶ" ବାକ୍ୟରେ କବି ଜଣାଇଛନ୍ତି ଯେ ଆଧୁନିକ ମଣିଷର ଜୀବନ ପୂର୍ଣ୍ଣତା ହରାଇ ଭାଙ୍ଗିପଡ଼ିଛି; ସମୟ ଏଠାରେ ଧ୍ୱଂସ ଓ ବିଚ୍ଛିନ୍ନତାର ପ୍ରତୀକ। ସହର ଚିତ୍ରଣ ("ସହର ଗଳି", "ବିବର୍ଣ୍ଣ ଦେହ") ମାଧ୍ୟମରେ କବି ଆଧୁନିକ ସଭ୍ୟତାର ଅନ୍ତର୍ନିହିତ ପତନକୁ ଉଦ୍ଘାଟନ କରିଛନ୍ତି। ଏଠାରେ "ପ୍ରାଣହୀନ ଦେହ" ଓ "କାମନା" ମଧ୍ୟରେ ବିରୋଧାଭାସ ଦେଖାଯାଏ—ମଣିଷ ବାହ୍ୟତଃ ବଞ୍ଚିଥିଲେ ମଧ୍ୟ ଆତ୍ମିକ ଭାବେ ମୃତ। ସମୟ ଏଠାରେ ମଣିଷକୁ ଯାନ୍ତ୍ରିକ, ନିର୍ବେଦନାଶୀଳ ଓ ନୀତିହୀନ କରିଦେଇଛି। "ଅଭିଶପ୍ତ ମଣିଷର ପାପ ଆଉ ଭୟର ପ୍ରେତାତ୍ମା" ଭାବଚିତ୍ରରେ ସମୟର ଭୟାବହତା ଚୂଡ଼ାନ୍ତ ରୂପ ପାଇଛି। ଏହା ଦେଖାଏ ଯେ ସମୟ ମଣିଷର ମନରେ ଏମିତି ଭୟ ଓ ଅପରାଧବୋଧ ସୃଷ୍ଟି କରିଛି, ଯାହା ତାକୁ ନିରନ୍ତର ପୀଡ଼ା ଦେଉଛି। ସମୟ ଏଠାରେ ଏକ ଅଦୃଶ୍ୟ ଶକ୍ତି, ଯାହା ମଣିଷକୁ ନିୟନ୍ତ୍ରଣ କରୁଛି ଓ ତାଙ୍କୁ ନୀତିଗତ ଭାବେ ପତିତ କରୁଛି। କବିତାଟିରେ ସମୟ ଚେତନା ନିରାଶା, ନୀତିହୀନତା ଓ ଅସ୍ତିତ୍ୱ ସଂକଟର ରୂପେ ପ୍ରକାଶିତ। ଗୁରୁପ୍ରସାଦ ମହାନ୍ତି ଏହା ମାଧ୍ୟମରେ ଆଧୁନିକ ଯୁଗର ଅସୁସ୍ଥ ମନୋଭାବ ଓ ସାମାଜିକ ପତନକୁ ତୀବ୍ର ଭାବରେ ଆଲୋଚନା କରିଛନ୍ତି।

ସମୟ ଚେତନାକୁ ଆଧାର କରି କବିତା ରଚନା କରୁଥିବା ବିଶିଷ୍ଟ କବିମାନଙ୍କ ମଧ୍ୟରେ ହରିହର ମିଶ୍ର ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଦଖଲ କରନ୍ତି। ସେଠାରେ ସମୟକୁ କେବଳ ଏକ ଗତିଶୀଳ ପ୍ରକ୍ରିୟା ଭାବେ ନୁହେଁ, ବରଂ ମଣିଷର ଜୀବନ, ସମାଜ ଓ ମନୋବୃତ୍ତି ସହ ଗଭୀର ଭାବେ ଜଡିତ ଏକ ସତ୍ତା ଭାବେ ଦେଖାଯାଏ। ତାଙ୍କ କବିତାରେ ସମୟର ନିଷ୍ଠୁରତା, ପରିବର୍ତ୍ତନଶୀଳତା ଓ ମାନବ ଜୀବନ ଉପରେ ତାହାର ପ୍ରଭାବ ସ୍ପଷ୍ଟ ଭାବରେ ପ୍ରକାଶ ପାଏ। ହରିହର ମିଶ୍ରଙ୍କ କବିତାରେ ସମୟ ଚେତନା ମାନେ ଅତୀତର ସ୍ମୃତି, ବର୍ତ୍ତମାନର ସଂଘର୍ଷ ଓ ଭବିଷ୍ୟତର ଅନିଶ୍ଚିତତାର ଏକ ସମନ୍ୱୟ। ସେ ଦେଖାଇଛନ୍ତି କିପରି ସମୟ ମଣିଷକୁ ନିୟନ୍ତ୍ରଣ କରେ, ତାଙ୍କର ଆଶା-ଆକାଂକ୍ଷାକୁ ପରିବର୍ତ୍ତନ କରେ ଏବଂ ସମାଜରେ ନୂଆ ମୂଲ୍ୟବୋଧ ସୃଷ୍ଟି କରେ। ଏହିଭଳି ସମୟ ଚେତନା ତାଙ୍କ କବିତାକୁ ଗଭୀର ଦାର୍ଶନିକତା ଓ ସାମାଜିକ ସଚେତନତାରେ ସମୃଦ୍ଧ କରିଛି।

"'ଏ ସମୟ ଅନୁଗତ କରି ନାହିଁ ମତେ/ ଯେମିତି ଦୁଇ ଗୋଟି ଚଳନ୍ତା ଗାଡ଼ି ପରସ୍ପର ଦ୍ରୁତ... /ବିପରୀତ ଚାଲିଥାନ୍ତି/
ସଚେତନ ବର୍ତ୍ତମାନ ଭାସିଯାଏ ଅନ୍ୟ ଏକ ଷ୍ଟେସନରେ/ ପହଞ୍ଚିବାକୁ ଆଗୁ... କିଏ ଗଲା, କିଏ ଥିଲା ଜଣାପଡ଼େ ନାହିଁ /
ଉଭୟେ ସମ୍ମୁଖକୁ/ ଗତି କରି ଖସିଯାନ୍ତି ଉଭୟଙ୍କ ଅତୀତକୁ... /ଯାହା ଅବଶ୍ୟମ୍ଭାବି।" (ବିବି– ଲାଲକଡ଼ର ତପସ୍ୟା, ହରିହର ମିଶ୍ର)

ଏହି କବିତାଖଣ୍ଡରେ "ସମୟ ଚେତନା"ର ଏକ ଗଭୀର ଓ ଆଧୁନିକ ଅନୁଭୂତି ପ୍ରକାଶ ପାଇଛି। କବି କହୁଛନ୍ତି ଯେ ସମୟ ତାଙ୍କୁ ଅନୁଗତ କରୁନାହିଁ—ଅର୍ଥାତ୍ ମଣିଷ ଓ ସମୟର ଗତି ଏକ ନୁହେଁ। "ଦୁଇଟି ଚଳନ୍ତା ଗାଡ଼ି"ର ଚିତ୍ରକଳ୍ପ ଦ୍ୱାରା କବି ସୂଚନା କରିଛନ୍ତି ଯେ ଜୀବନ ଓ ସମୟ ଦୁଇଟି ବିପରୀତ ଦିଗରେ ଦୌଡୁଛି। ଏହାର ଫଳରେ ମଣିଷ ସମୟକୁ ଧରିପାରୁନାହିଁ, ବରଂ ସମୟ ସହିତ ତାହାର ସମ୍ପର୍କ ଅସମନ୍ୱୟ ଓ ବିଚ୍ଛିନ୍ନ ହୋଇଯାଉଛି। "ସଚେତନ ବର୍ତ୍ତମାନ ଭାସିଯାଏ ଅନ୍ୟ ଏକ ଷ୍ଟେସନରେ" ପଦ୍ୟରେ ବର୍ତ୍ତମାନର ଅସ୍ଥିରତା ଓ ଅନିଶ୍ଚିତତା ପ୍ରକାଶ ପାଇଛି। ଏଠାରେ 'ଷ୍ଟେସନ' ଜୀବନର ଗତିପଥର ଏକ ପ୍ରତୀକ। ମଣିଷ ଯେତେବେଳେ ବର୍ତ୍ତମାନକୁ ବୁଝିବା ପୂର୍ବରୁ, ସେହି ବର୍ତ୍ତମାନ ଗତି କରି ଅନ୍ୟ ଅବସ୍ଥାକୁ ପହଞ୍ଚିଯାଏ। ତେଣୁ "କିଏ ଗଲା, କିଏ

ଥିଲା" ଜଣାପଡ଼େ ନାହିଁ—ଅର୍ଥାତ୍ ସମୟର ପ୍ରବାହରେ ମଣିଷ ନିଜ ଅସ୍ତିତ୍ୱ ଓ ପରିଚୟକୁ ସ୍ପଷ୍ଟଭାବେ ଧରିପାରେନାହିଁ। ଶେଷରେ "ଉଭୟେ ସମ୍ମୁଖକୁ ଗତି କରି ଖସିଯାନ୍ତି ଉଭୟଙ୍କ ଅତୀତକୁ" ବାକ୍ୟରେ ସମୟର ଅନିବାର୍ଯ୍ୟତା ଓ ନିୟତିବାଦୀ ଧାରଣା ପ୍ରକାଶ ପାଇଛି। ଯେତେବେଳେ ଆମେ ଆଗକୁ ବଢୁଛୁ, ସେତେବେଳେ ଆମର ବର୍ତ୍ତମାନ ସହଜରେ ଅତୀତରେ ପରିଣତ ହେଉଛି। ଏହି ପ୍ରକ୍ରିୟା ଅନିବାର୍ଯ୍ୟ ("ଅବଶ୍ୟମ୍ଭାବୀ")—ଯାହା ସମୟର ନିଷ୍ଠୁର ଓ ନିରନ୍ତର ଗତିକୁ ଦର୍ଶାଏ। ଏହି କବିତାରେ ସମୟ ଚେତନା ମାନବ ଜୀବନର ଅସହାୟତା, ବର୍ତ୍ତମାନର ଅସ୍ଥାୟୀତ୍ୱ ଓ ଅତୀତର ଅନିବାର୍ଯ୍ୟ ଗଠନକୁ ଉଦ୍ଭାସିତ କରେ। କବି ଏଠାରେ ଆଧୁନିକ ମଣିଷର ସମୟ ସହିତ ବିଚ୍ଛିନ୍ନତା ଓ ଅସମନ୍ୱୟକୁ ସୂକ୍ଷ୍ମ ଭାବେ ଉପସ୍ଥାପନ କରିଛନ୍ତି।

ସମୟ ଚେତନାକୁ କେନ୍ଦ୍ର କରି କବିତା ରଚନା କରୁଥିବା ଓଡ଼ିଆ କବିମାନଙ୍କ ମଧ୍ୟରେ ରମାକାନ୍ତ ରଥ ନିଶ୍ଚୟ ଏକ ଅଗ୍ରଗଣ୍ୟ ନାମ। ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ କବିତାରେ ସମୟ ଚେତନା ଏକ ଗଭୀର ଓ ସଜାଗ ଭାବନା ଭାବେ ଉଦ୍ଭାସିତ ହୋଇଥିଲା, ଏବଂ ଏହି ଧାରାକୁ ସୁଦୃଢ଼ କରିବାରେ ରମାକାନ୍ତ ରଥଙ୍କ ଅବଦାନ ଅତ୍ୟନ୍ତ ଉଲ୍ଲେଖନୀୟ। ରମାକାନ୍ତ ରଥଙ୍କ କବିତାରେ ସମୟ କେବଳ ଗତିଶୀଳ ଧାରା ନୁହେଁ, ବରଂ ଏକ ଅନୁଭୂତିମୟ ଓ ଦାର୍ଶନିକ ସତ୍ତା। ସେ ସମୟକୁ ମନୁଷ୍ୟର ଜୀବନ ସଂଘର୍ଷ, ଅସ୍ଥିରତା, ଏକାକୀପଣ ଓ ଅସ୍ତିତ୍ୱ ଜନିତ ସଙ୍କଟ ସହିତ ଯୋଡ଼ି ଦେଖାଇଛନ୍ତି। ତାଙ୍କର କବିତାରେ ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ ମଧ୍ୟରେ ଏକ ଦ୍ୱନ୍ଦ୍ୱ ଓ ତନାବ ଦୃଶ୍ୟମାନ ହୁଏ, ଯାହା ଆଧୁନିକ ମଣିଷର ମନୋବୃତ୍ତିକୁ ପ୍ରତିବିମ୍ବିତ କରେ। ତାଙ୍କର କବିତାରେ ସମୟ ପ୍ରତି ଏକ ପ୍ରଶ୍ନାତ୍ମକ ଭାବ ମଧ୍ୟ ଦେଖାଯାଏ—ସମୟ କାହିଁକି ମଣିଷକୁ ଏପରି ଅସହାୟ କରେ? କିପରି ସମୟର ଗତି ସହିତ ମଣିଷ ନିଜକୁ ହରାଇ ଯାଉଛି? ଏହିପରି ପ୍ରଶ୍ନ ମାଧ୍ୟମରେ ସେ ସମୟକୁ ଏକ ଜୀବନ୍ତ ଓ ପ୍ରଭାବଶାଳୀ ଶକ୍ତି ଭାବେ ଉପସ୍ଥାପନ କରିଛନ୍ତି।

"ମୁଁ ଏଠାରେ ବିଲକୁଲ ଏକାକୀ ଠିଆ,/ ମୋ ବ୍ୟତୀତ ସଭିଙ୍କୁ ଅଦୃଶ୍ୟ /ଏହାହିଁ ସମୟ, ଅଳ୍ପ ହସ, ଭୁଲତାକୁ ଟେକି ଆଖି /
ବିସ୍ତାରିତ କରି ନିବିଡ଼ ଭାବରେ ଚାହିଁ ତା' ମୁଖକୁ।/ ବଢ଼ାଅ ଡାହାଣ ହାତ /ଓ ତା'ର ହାତକୁ ଧର।/ ତା'ପରେ ନିଶ୍ଚିହ୍ନ ହୁଅ ତା' ଭିତରେ।"

(ସମୁଦ୍ର କୂଳ -ରମାକାନ୍ତ ରଥ)

ଏଠାରେ କବି ନିଜକୁ "ବିଲକୁଲ ଏକାକୀ" ବୋଲି କହିବା ମାଧ୍ୟମରେ ଆଧୁନିକ ମଣିଷର ଏକାକୀପଣକୁ ଚିତ୍ରିତ କରିଛନ୍ତି। "ମୋ ବ୍ୟତୀତ ସଭିଙ୍କୁ ଅଦୃଶ୍ୟ ଏହାହିଁ ସମୟ" ବାକ୍ୟରେ ସମୟକୁ ଏକ ବ୍ୟକ୍ତିଗତ ଅନୁଭୂତି ଭାବେ ଦେଖାଯାଇଛି—ଯାହା ସମସ୍ତଙ୍କ ପାଇଁ ସମାନ ନୁହେଁ, ପ୍ରତ୍ୟେକଙ୍କ ଜୀବନରେ ସମୟର ଅନୁଭବ ଭିନ୍ନ। "ଅଳ୍ପ ହସ, ଭୁଲତାକୁ ଟେକି ଆଖି ବିସ୍ତାରିତ କରି" ବାକ୍ୟରେ କବି ସମୟକୁ ମାନବୀକରଣ କରିଛନ୍ତି। ଏହା ମନେହୁଏ ସମୟ ଗୋଟିଏ ଜୀବନ୍ତ ସତ୍ତା, ଯାହା ସହ କବି ସମ୍ମୁଖୀନ ହେଉଛନ୍ତି। ସେ ସମୟକୁ ଦୃଢ଼ ଭାବରେ ଚାହିଁ ଦେଖିବାକୁ ଚାହୁଁଛନ୍ତି, ଯାହାର ଅର୍ଥ—ଜୀବନର ସତ୍ୟକୁ ସମ୍ମୁଖୀନ କରିବାର ଚେଷ୍ଟା। "ତା'ର ହାତକୁ ଧର" ବୋଲି କହିବାରେ କବି ସମୟକୁ ଗ୍ରହଣ କରିବାର ଆହ୍ୱାନ କରୁଛନ୍ତି। ସମୟରୁ ପଳାଇବା ନୁହେଁ, ତା' ସହିତ ଏକାତ୍ମ ହେବାକୁ ଉଚିତ। ଶେଷରେ "ନିଶ୍ଚିହ୍ନ ହୁଅ ତା' ଭିତରେ" ବାକ୍ୟରେ ଏକ ଗଭୀର ଦାର୍ଶନିକ ଅର୍ଥ ରହିଛି—ମଣିଷ ଶେଷ ପର୍ଯ୍ୟନ୍ତ ସମୟରେ ଲୀନ ହୋଇଯାଏ, ତା'ର ଅସ୍ତିତ୍ୱ ସମୟରେ ମିଶିଯାଏ। ଏହି ଉଦ୍ଧୃତିରେ କବି ସମୟକୁ ଏକ ଜୀବନ୍ତ, ଅଦୃଶ୍ୟ ଓ ସର୍ବଶକ୍ତିମାନ ସତ୍ତା ଭାବେ ଦେଖାଇଛନ୍ତି ଓ ମଣିଷଙ୍କୁ ତା' ସହିତ ସମ୍ମୁଖୀନ ହୋଇ ତା'ରେ ଏକାତ୍ମ ହେବାକୁ ପ୍ରେରଣା ଦେଇଛନ୍ତି।

ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ କବିତାରେ "ସମୟ ଚେତନା" ଏକ ଗୁରୁତ୍ୱପୂର୍ଣ୍ଣ ଧାରା ଭାବେ ପ୍ରକାଶ ପାଇଛି। ଏହି ପରିପ୍ରେକ୍ଷିତରେ ଭାନୁଜୀ ରାଓ ଜଣେ ପ୍ରମୁଖ କବି ଭାବେ ଗଣ୍ୟ। ଭାନୁଜୀ ରାଓଙ୍କ କବିତାରେ ସମୟକୁ କେବଳ ଏକ ଗତିଶୀଳ ଶକ୍ତି ଭାବେ ନୁହେଁ, ବରଂ ମାନବଜୀବନର ଅନ୍ତର୍ଦ୍ୱନ୍ଦ୍ୱ, ଅନିଶ୍ଚିତତା ଓ ପରିବର୍ତ୍ତନର ପ୍ରତୀକ ଭାବେ ଦେଖାଯାଏ। ସ୍ୱାଧୀନତା ପରେ ସମାଜରେ ହୋଇଥିବା ରାଜନୈତିକ, ସାମାଜିକ ଓ ନୈତିକ ପରିବର୍ତ୍ତନ ତାଙ୍କ କବିତାର ମୂଳ ବିଷୟବସ୍ତୁ। ସେ ସମୟକୁ କେବେ ନିଷ୍ଠୁର ଓ ଅନିୟନ୍ତ୍ରିତ ଶକ୍ତି ଭାବେ, କେବେ ମାନବ ଆଶା ଓ ନିରାଶାର ମାପକ ଭାବେ ଚିତ୍ରଣ କରିଛନ୍ତି। ତାଙ୍କ କବିତାରେ ଆଧୁନିକ ଜୀବନର ଅସ୍ଥିରତା, ମନୋବୃତ୍ତିର ଦ୍ୱନ୍ଦ୍ୱ ଓ ସମୟ ସହ ମଣିଷର ସଂଘର୍ଷ ସ୍ପଷ୍ଟ ଭାବେ ପ୍ରକାଶ ପାଏ। ଏହା ସହିତ, ସମୟର ପ୍ରଭାବରେ ମଣିଷର ମୂଲ୍ୟବୋଧର ପରିବର୍ତ୍ତନ ଓ ସମାଜର ଭଙ୍ଗୁରତାକୁ ସେ ଗଭୀର ଭାବେ ଅନୁଭବ କରିଛନ୍ତି।

"ସମୟଟା ଭୀଷଣ ନିଷ୍ଠୁର
ସତେ କ'ଣ ସେ ଗୋଟାଏ ଉନ୍ମତ୍ତ ତୈମୁର।" (କାଳଚକ୍ର– ଦର୍ପଣ ଆଗରେ- ଭାନୁଜୀ ରାଓ)

ଏହି ପଙ୍କ୍ତିଗୁଡ଼ିକରେ କବି ସମୟର ନିଷ୍ଠୁରତାକୁ ଏକ ଭୟଙ୍କର ଓ ନିର୍ଦ୍ଦୟ ଶକ୍ତି ଭାବରେ ଚିତ୍ରଣ କରିଛନ୍ତି। "ସମୟଟା ଭୀଷଣ ନିଷ୍ଠୁର" ବୋଲି କହି ସେ ଦେଖାଇଛନ୍ତି ଯେ ସମୟ କେବେ ମଣିଷର ଭାବନା, ଆଶା ବା ସ୍ୱପ୍ନକୁ ଗଣନା କରେନି। ଏହା ନିଜ ଗତିରେ ଚାଲିଥାଏ ଏବଂ ମଣିଷକୁ ବିଭିନ୍ନ ପରୀକ୍ଷା ଓ ପୀଡ଼ାରେ ପକାଇଥାଏ। "ଉନ୍ମତ୍ତ ତୈମୁର" ସହ ସମୟକୁ ତୁଳନା କରିବାରେ ଗଭୀର ଅର୍ଥ ରହିଛି। ତୈମୁର ଜଣେ ନିର୍ଦ୍ଦୟ ଆକ୍ରମଣକାରୀ ଭାବେ ଇତିହାସରେ ପରିଚିତ, ଯିଏ ନିଜ ଜୟଯାତ୍ରାରେ ଧ୍ୱଂସ ଓ ହିଂସା ସୃଷ୍ଟି କରିଥିଲେ। କବି ଏହି ପ୍ରତୀକ ଦ୍ୱାରା ସୂଚନା କରୁଛନ୍ତି ଯେ ସମୟ ମଧ୍ୟ ସେହିପରି ଉନ୍ମାଦୀ ଓ ଅନିୟନ୍ତ୍ରିତ—ଏହା ମଣିଷର ସଫଳତା, ସୁଖ, ସମ୍ପର୍କ ଆଦିକୁ ଧ୍ୱଂସ କରି ଆଗକୁ ବଢ଼ିଯାଏ। ସମୟ ଚେତନାର ଦୃଷ୍ଟିରୁ ଏହି ପଙ୍କ୍ତିଗୁଡ଼ିକ ଆଧୁନିକ ମଣିଷର ଅସହାୟତା ଓ ଅନିଶ୍ଚିତତାକୁ ପ୍ରକାଶ କରେ। ମଣିଷ ଚାହିଲେ ମଧ୍ୟ ସମୟକୁ ରୋକି ପାରେନି, ତାହାକୁ ବଦଳାଇ ପାରେନି। ତେଣୁ ସେ ସମୟର ଚାପ ତଳେ

ନିଜକୁ ଅସୁରକ୍ଷିତ ଓ ଅନାଥ ଭାବରେ ଅନୁଭବ କରେ। ଏହି ଦୁଇ ପଙ୍କ୍ତି ସମୟ ଚେତନାର ଏକ ଗଭୀର ଓ ଭୟାନକ ଚିତ୍ର ଦେଖାଏ, ଯେଉଁଠାରେ ସମୟକୁ ଏକ ନିଷ୍ଠୁର, ଧ୍ୱଂସକାରୀ ଓ ଅନିୟନ୍ତ୍ରିତ ଶକ୍ତି ଭାବେ ବୁଝାଯାଇଛି।

ଅନ୍ୟ ଏକ କବିତା –

"ସମୟ ତା' ନିଜର ମାଲିକ/ ସେ କାହାର କ୍ରୀତଦାସ ନୁହେଁ / ଜୀବନର ସମୟ ବି ପୂର୍ଣ୍ଣ ହେବ /

ଅଚାନକ ଦିନେ / ପୃଥିବୀରେ ବଞ୍ଚି ରହିବାକୁ ସମୟ ଆଉ ସମୟ ଦେବନି।" (ସମୟ ଓ ମୁଁ – ଏକା ଏବଂ ଏକାଏକା– ଭାନୁଜୀ ରାଓ)

ଏହି କବିତାରେ "ସମୟ ତା' ନିଜର ମାଲିକ" ବୋଲି କହି କବି ସମୟର ସ୍ୱାଧୀନ ଓ ସର୍ବଶକ୍ତିଶାଳୀ ସ୍ୱରୂପକୁ ଉଦ୍‌ଘାଟନ କରିଛନ୍ତି। ସମୟ କାହାର ନିୟନ୍ତ୍ରଣରେ ନୁହେଁ, ସେ କାହାର "କ୍ରୀତଦାସ" ମଧ୍ୟ ନୁହେଁ—ଏହା ଏକ ନିର୍ଲିପ୍ତ ଓ ସ୍ୱୟଂଚାଳିତ ଶକ୍ତି। ସମୟ ଚେତନାର ଦୃଷ୍ଟିରୁ ଏହା ମଣିଷର ସୀମାବଦ୍ଧତାକୁ ସ୍ପଷ୍ଟ କରେ, କାରଣ ମଣିଷ ଚାହିଁଲେ ମଧ୍ୟ ସମୟକୁ ନିଜ ଇଚ୍ଛାନୁସାରେ ବଦଳାଇ ପାରେନି। ଏହି ଧାରଣା ଆଧୁନିକ ମଣିଷର ଅସହାୟତା ଓ ସମୟ ପ୍ରତି ତାଙ୍କର ନିର୍ଭରଶୀଳତାକୁ ଗଭୀର ଭାବରେ ପ୍ରକାଶ କରେ। ପରବର୍ତ୍ତୀ ପଂକ୍ତି —"ଜୀବନର ସମୟ ବି ପୂର୍ଣ୍ଣ ହେବ / ଅଚାନକ ଦିନେ"—ମଣିଷ ଜୀବନର ଅନିର୍ବାଯ୍ୟ ଶେଷକୁ ସୂଚାଇଥାଏ। ସମୟ ଏକ ଦିନ ମଣିଷଙ୍କୁ ବଞ୍ଚିବାର ଅବସର ଦେବା ବନ୍ଦ କରିଦେବ, ଯାହା ମୃତ୍ୟୁର ସତ୍ୟକୁ ଉପସ୍ଥାପନ କରେ। ସମୟ ଚେତନା ଏଠାରେ ଜୀବନର ଅସ୍ଥାୟୀତ୍ୱ ଓ ଅନିଶ୍ଚିତତାକୁ ଜଣାଇଥାଏ। ଏହା ମଣିଷକୁ ସଚେତନ କରେ ଯେ ସମୟ ସୀମିତ, ତେଣୁ ଏହାକୁ ସଠିକ୍ ଭାବରେ ବ୍ୟୟ କରିବା ଆବଶ୍ୟକ। ସାରକଥାରେ, ଏହି କବିତା ସମୟର ସ୍ୱାଧୀନତା, ମଣିଷର ଅସହାୟତା ଓ ଜୀବନର ଅନିତ୍ୟତାକୁ ଗଭୀର ଭାବରେ ପ୍ରକାଶ କରିଛି।

ପ୍ରସନ୍ନ ପାଟଶାଣୀ ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ କବିତାରେ ସମୟ ଚେତନାକୁ ସଫଳ ଭାବେ ଉପସ୍ଥାପନ କରିଥିବା କବିମାନଙ୍କ ମଧ୍ୟରୁ ଅନ୍ୟତମ। ତାଙ୍କ କବିତାରେ ସମୟକୁ ଏକ ନିଷ୍ଠୁର, ଅବିରତ ଗତିଶୀଳ ଶକ୍ତି ଭାବେ ଦେଖାଯାଇଛି, ଯାହା ମଣିଷର ଆଶା-ଆକାଙ୍କ୍ଷା, ମୂଲ୍ୟବୋଧ ଓ ଜୀବନ ଧାରାକୁ ପରିବର୍ତ୍ତନ କରେ। ସେ ସମାଜର ପରିବର୍ତ୍ତନ, ନୈତିକ ଅବକ୍ଷୟ ଏବଂ ମଣିଷର ଅନ୍ତର୍ଦ୍ୱନ୍ଦ୍ୱକୁ ସମୟ ସହ ଯୋଡ଼ି ଚିତ୍ରିତ କରିଛନ୍ତି। ଏହା ଫଳରେ ତାଙ୍କ କବିତାରେ ସମୟ ଚେତନା କେବଳ ଧାରଣା ନୁହେଁ, ବରଂ ଜୀବନର ଗଭୀର ଅନୁଭୂତି ଭାବେ ପ୍ରକାଶ ପାଇଛି।

"ସମୟର ସଳିତାରେ ଜଳିଯାଉଛି ଦିନ ଦିନାନ୍ତର/ ପାପପୁଣ୍ୟର ସୁଅରେ ଭାସୁଛି ମହାକାଳ /

କୁଆଡ଼େ ଚାଲିଛନ୍ତି ସମସ୍ତେ ଜଣାନାହିଁ /ଅନ୍ଧାର ଚାଲିଛି ଅନ୍ଧାର।" (କିଛି ଲୁହ କିଛି ଲହୁ – ପ୍ରସନ୍ନ ପାଟଶାଣୀ)

ଉପରୋକ୍ତ ପଦ୍ୟାଂଶଟି ସମୟ ଚେତନାର ଗଭୀର ଓ ଦାର୍ଶନିକ ଅନୁଭୂତିକୁ ପ୍ରକାଶ କରେ। କବି ଏଠାରେ ସମୟକୁ "ସଳିତା" (ବତି) ସହିତ ତୁଳନା କରିଛନ୍ତି, ଯାହାରେ ଦିନ ଓ ଦିନାନ୍ତର ଜଳି ନଷ୍ଟ ହେଉଛି। ଏହାର ଅର୍ଥ ହେଉଛି—ସମୟ ନିରନ୍ତର ଗତିଶୀଳ, ଏବଂ ମାନବ ଜୀବନର ପ୍ରତ୍ୟେକ ମୁହୂର୍ତ୍ତ ତାହାରେ ଶେଷ ହେଉଛି। ସମୟ କାହାକୁ ଅପେକ୍ଷା କରେନାହିଁ; ଏହା ଅବିରତ ଭାବେ ସବୁକୁ ଆଗକୁ ଆଣି ନେଉଛି। "ପାପପୁଣ୍ୟର ସୁଅରେ ଭାସୁଛି ମହାକାଳ" ପଦବାକ୍ୟରେ କବି ଜୀବନର ନୈତିକ ଦ୍ୱନ୍ଦ୍ୱକୁ ସୂଚନା କରିଛନ୍ତି। ମଣିଷର କର୍ମ—ପାପ କିମ୍ବା ପୁଣ୍ୟ—ସମୟର ଏହି ବିଶାଳ ସ୍ରୋତରେ ଭାସିଯାଉଛି। "ମହାକାଳ" ଏଠାରେ ସମୟର ସର୍ବଶକ୍ତିମାନ ରୂପ, ଯାହା ସମସ୍ତ କିଛିକୁ ଆତ୍ମସାତ କରିଦେଉଛି। ଏହା ଦେଖାଏ ଯେ ସମୟ ସାମ୍ନାରେ ମାନବର ସମସ୍ତ କାର୍ଯ୍ୟ ଅସାର ଓ ଅସ୍ଥାୟୀ। "କୁଆଡ଼େ ଚାଲିଛନ୍ତି ସମସ୍ତେ ଜଣାନାହିଁ" ବାକ୍ୟରେ ମାନବ ଜୀବନର ଦିଗଭ୍ରାନ୍ତତା ପ୍ରକାଶ ପାଏ। ସମୟର ଗତି ସହିତ ମଣିଷ ଚାଲୁଛି, କିନ୍ତୁ ତାହାର ଲକ୍ଷ୍ୟ କ'ଣ, ସେଥି ପ୍ରତି ସେ ଅସଚେତନ। ଏହା ଆଧୁନିକ ଜୀବନର ଏକ ମୁଖ୍ୟ ସମସ୍ୟା—ଅସ୍ଥିରତା ଓ ଅସ୍ପଷ୍ଟତା। ଶେଷରେ "ଅନ୍ଧାର ଚାଲିଛି ଅନ୍ଧାର" ବାକ୍ୟଟି ଏକ ନିରାଶାବାଦୀ ଭାବନାକୁ ପ୍ରକାଶ କରେ। ସମୟର ଏହି ଯାତ୍ରାରେ ଆଲୋକ ତୁଳନାରେ ଅନ୍ଧକାର ବେଶି ପ୍ରବଳ, ଅର୍ଥାତ୍ ମଣିଷ ଅଜ୍ଞାନତା, ଭ୍ରମ ଓ ନୈତିକ ଅନ୍ଧକାରରେ ବନ୍ଦୀ ହୋଇପଡ଼ିଛି। ଏହି ପଦ୍ୟାଂଶ ସମୟର ନିଷ୍ଠୁରତା, ମାନବ ଜୀବନର ଅସ୍ଥାୟୀତା, ଏବଂ ଆଧୁନିକ ମଣିଷର ଦିଗଭ୍ରାନ୍ତ ଓ ଅନ୍ଧକାରମୟ ସ୍ଥିତିକୁ ଗଭୀର ଭାବରେ ଉଜାଗର କରେ।

ଉପସଂହାର

ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ କବିତାରେ "ସମୟ ଚେତନା" ଏକ ଗଭୀର ଓ ବିବିଧମାୟୀ ଧାରାରୂପେ ପ୍ରତିଷ୍ଠିତ ହୋଇଛି। ସ୍ୱାଧୀନତା ପୂର୍ବର କବିତା ଯେଉଁଠାରେ ମୁଖ୍ୟତଃ ଦେଶପ୍ରେମ, ଆଦର୍ଶବାଦ ଓ ଆଶାବାଦରେ ଭରିଥିଲା, ସ୍ୱାଧୀନତା ପରେ ସେହି ଧାରାରେ ଆସିଛି ଏକ ମୂଳଗତ ପରିବର୍ତ୍ତନ। ଏହି ପରିବର୍ତ୍ତନର କେନ୍ଦ୍ରରେ ଅଛି ସମୟ ସଚେତନତା—ଯାହା ମାନବ ଜୀବନ, ସମାଜ ଓ ମୂଲ୍ୟବୋଧର ନବ ଅନୁଭୂତିକୁ ଉଜାଗର କରିଥାଏ। ଏହି ପର୍ଯ୍ୟାୟର କବିମାନେ ସମୟକୁ କେବଳ ଘଟଣାର ଧାରା ବୋଲି ନୁହେଁ, ବରଂ ଜୀବନର ଅନ୍ତଃସ୍ତରରେ କାର୍ଯ୍ୟଶୀଳ ଏକ ଶକ୍ତି ଭାବେ ଦେଖିଛନ୍ତି। ସମୟ ତାଙ୍କ ପାଇଁ କେବେ ନିଷ୍ଠୁର, କେବେ ବିଚିତ୍ର, କେବେ ବିରୋଧାଭାସୀ। ଏହା ମାନବର ସମସ୍ତ ଆଶା, ସ୍ୱପ୍ନ ଓ ଚେଷ୍ଟାକୁ ପରୀକ୍ଷା କରେ, ଏବଂ ଶେଷରେ ସବୁକୁ ନିଜ ଗତିରେ ଭାସାଇ ନେଇଯାଏ। ଏହି ଦୃଷ୍ଟିକୋଣରୁ ସମୟ ଏକ ଅପରିହାର୍ଯ୍ୟ ଓ ଅପରାଜେୟ ସତ୍ୟରୂପେ ପ୍ରତିଷ୍ଠିତ। ସ୍ୱାଧୀନତା ପରେ ଦେଶ ଯେ ସାମାଜିକ, ଆର୍ଥିକ ଓ ନୈତିକ ସଂକଟର ସମ୍ମୁଖୀନ ହେଲା, ସେଥିରେ କବିମାନଙ୍କର ସମୟବୋଧ ଅଧିକ ତୀକ୍ଷ୍ଣ ଓ ସଚେତନ ହୋଇଯାଇଛି। ସେମାନେ ଦେଖିଛନ୍ତି ଯେ ସ୍ୱାଧୀନତାର

ସ୍ୱପ୍ନ ସମ୍ପୂର୍ଣ୍ଣ ସାର୍ଥକ ହୋଇନାହିଁ; ବିପରୀତରେ ଅନ୍ୟାୟ, ଅସମତା, ନୈତିକ ପତନ ଓ ଦିଗଭ୍ରାନ୍ତତା ସମାଜକୁ ଆବର୍ତ୍ତ କରିଛି। ଏହି ପରିସ୍ଥିତିରେ ସମୟ ଚେତନା କବିତାରେ ଏକ ଆତ୍ମପର୍ଯ୍ୟାଲୋଚନାମୂଳକ ଭାବ ଆଣିଛି—ଯେଉଁଠାରେ କବି ନିଜକୁ, ସମାଜକୁ ଓ ମାନବତାକୁ ପ୍ରଶ୍ନ କରିଛନ୍ତି। ଏହି ଯୁଗର କବିତାରେ ସମୟ କେବଳ ବାହ୍ୟ ଗତି ନୁହେଁ, ଏହା ମନୋବୈଜ୍ଞାନିକ ଓ ଅସ୍ତିତ୍ୱବାଦୀ ଅନୁଭୂତିରେ ପରିଣତ ହୋଇଛି। ମାନବ ଜୀବନର ଏକାକୀତ୍ୱ, ଅସ୍ଥିରତା, ଭୟ, ନିରାଶା ଓ ଅନିଶ୍ଚିତତା—ସବୁ ସମୟର ପ୍ରଭାବରେ ଅଧିକ ସ୍ପଷ୍ଟ ହୋଇଯାଇଛି। କବିମାନେ ଏହି ସମୟକୁ କେବେ ଅନ୍ଧକାର, କେବେ ଜ୍ୱାଳା, କେବେ ଶୂନ୍ୟତାର ଚିହ୍ନରେ ଚିତ୍ରିତ କରିଛନ୍ତି।

ତଥାପି, ସମୟ ଚେତନା କେବଳ ନିରାଶାର ଚିତ୍ର ନୁହେଁ। କେତେକ ସ୍ଥାନରେ ଏହା ମନୁଷ୍ୟକୁ ସଚେତନ କରିବାର ଏକ ଶକ୍ତି ଭାବେ ମଧ୍ୟ ଦେଖାଯାଇଛି। ସମୟର ଅବିରତ ଗତି ମନୁଷ୍ୟକୁ ତାଙ୍କର ଅସ୍ଥାୟୀତା ବୋଝାଇ ଦେଇ, ସତ୍ୟ ଓ ମୂଲ୍ୟବୋଧର ପଥରେ ଆଗକୁ ବଢ଼ିବାକୁ ପ୍ରେରିତ କରେ। ଏହା ଜୀବନକୁ ଅଧିକ ଗଭୀର ଭାବେ ବୁଝିବାର ଏକ ଉପାୟ ହେଇଉଠେ। ସାରଶଂକ୍ଷେପରେ, ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ କବିତାରେ ସମୟ ଚେତନା ମାନବ ଜୀବନର ଜଟିଳତା, ସମାଜର ବିରୋଧାଭାସ ଓ ଅସ୍ତିତ୍ୱର ଗଭୀର ସତ୍ୟକୁ ଉଦ୍‌ଘାଟିତ କରିଥାଏ। ଏହା କବିତାକୁ କେବଳ ସୌନ୍ଦର୍ଯ୍ୟର ମାଧ୍ୟମ ରୂପେ ନୁହେଁ, ବରଂ ଏକ ଚିନ୍ତନଶୀଳ ଓ ଦାର୍ଶନିକ ଅନୁଭୂତିର ମଞ୍ଚରେ ପରିଣତ କରିଛି। ତେଣୁ କୁହାଯାଇପାରେ ଯେ "ସମୟ ଚେତନା" ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ କବିତାର ଏକ ମୂଳ ଆତ୍ମା, ଯାହା ତାହାକୁ ଆଧୁନିକତାର ସଂବେଦନା ସହିତ ଗଭୀର ଭାବେ ସଂଯୋଗ କରିଛି।

ସହାୟକ ଗ୍ରନ୍ଥ

1. ଚେତନାର ପ୍ରବାହାରେ ଆଧୁନିକ ଓଡ଼ିଆ କବିତା, ଡ. ଅଭିନ୍ନ ଚନ୍ଦ୍ର ଦାସ, ବିଜୟିନୀ ପବ୍ଲିକେସନ୍ସ, ପ୍ରଥମ ପ୍ରକାଶ - ୧୩-୦୩-୨୦୧୨
2. ଅର୍ଦ୍ଧ ଶତାବ୍ଦୀର ଆଧୁନିକ ଓଡ଼ିଆ କବିତା ଏକ ଭିନ୍ନ ଅନୁଶୀଳନ,ଡ. ସୁଶ୍ରୀ ସଂଗୀତା ସ୍ୱାଇଁ, କିତାବ ଭବନ-ଭୁବନେଶ୍ୱର, ପ୍ରଥମ ପ୍ରକାଶ -୨୦୧୭
3. ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ସାହିତ୍ୟ ରିପ୍ରେସର,ଇଜି ଅପ୍ରୋଚ ସମ୍ପାଦନା ମଣ୍ଡଳୀ,ତାରାତାରିଣୀ ପୁସ୍ତକାଳୟ-ବ୍ରହ୍ମପୁର, ପ୍ରଥମପ୍ରକାଶ -୨୦୨୦
4. ଓଡ଼ିଆ ସାହିତ୍ୟର ଇତିହାସ, ଡ. ନିରଞ୍ଜନ ସାହୁ, ଡ. ଜ୍ୟୋତି ରଞ୍ଜନ ସାମଲ, ଭି.କେ ପବ୍ଲିକେସନ୍ସ, ପ୍ରଥମ ପ୍ରକାଶ -୨୦୨୫-୨୬
5. ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ କବିତା,ଡ.ଦିଲ୍ଲୀପ କୁମାର ସ୍ୱାଇଁ,ଦୂର -ନିରନ୍ତର ଶିକ୍ଷା ନିର୍ଦ୍ଦେଶାଳୟ,ଉତ୍କଳ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର, ୨୦୨୪
6. ଓଡ଼ିଆ ସାହିତ୍ୟର ଗଠନ ରୀତି, ଡ. ପ୍ରମୋଦ କୁମାର ଦ୍ୱିବେଦୀ, ତାରାତାରିଣୀ ପୁସ୍ତକାଳୟ-ବ୍ରହ୍ମପୁର, ସଂସ୍କରଣ-୨୦୨୪
7. ସାହିତ୍ୟର ସ୍ୱରୂପ,ପ୍ରଫେସର ନାରାୟଣ ସାହୁ, ସତ୍ୟନାରାୟଣ ବୁକ୍ ଷ୍ଟୋର-କଟକ, ପ୍ରଥମ ପ୍ରକାଶ -୨୦୨୪
8. ଆଧୁନିକ ଓଡ଼ିଆ କବିତାର ଦିଗ ଦିଗନ୍ତ, ଡ. ପ୍ରେମାନନ୍ଦ ସାହୁ, ଶବ୍ଦଲୋକ -ରାଣୀହାଟ କଟକ, ପ୍ରଥମ ପ୍ରକାଶ -୧୯୯୩

■■■